

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୪

ଅଗଷ୍ଟ ୨୦୧୩ ସଂସ୍କରଣ

## ଭଗବାନଙ୍କ ସୁରକ୍ଷାର ପ୍ରଶ୍ନ

## ରହସ୍ୟର ଉନ୍ମୋଚନ

## ବାବୁଭାଇଙ୍କ କିଛିକଥା

## ବିଭାଜନର ବେଳ

ଖେଳନା ନୁହଇଁ ନାରୀ

ବକ୍ରତୁଣ୍ଡ

ପରିଚୟ

ଅପେକ୍ଷା

ଝଡ଼

ଆହାଃ, ଚୁ ଚୁ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ ।

## ଚଳିତ ସଂସ୍କରଣର ପ୍ରଚ୍ଛଦପଟର ଚିତ୍ର

ପବିତ୍ର ଶ୍ରାବଣ ମାସରେ ଓଡ଼ିଶାର ପୁରପଲ୍ଲୀରେ ଗେରୁଆ ବସ୍ତ୍ର ପରିହିତ ପୁରୁଷ ମହିଳା ମାନଙ୍କୁ ଦଳ ଦଳ ହୋଇ ବିଭିନ୍ନ ଶିବାଳୟରେ ଜଳଦାନ ହେତୁ ନଦନଦୀରୁ ଜଳ ନେଇ ଖାଲି ପାଦରେ ଚାଲି ଚାଲି ଯାଉଥିବାର ଦୃଶ୍ୟ ସମସ୍ତେ ଦେଖୁଥିବେ । ପୂର୍ବରୁ କେବଳ ପୁରୁଷମାନେ ହିଁ ଏଇମିତି ପାଣି ନେଇ ଯାଉଥିଲା ବେଳେ ଏବେ ମହିଳା ମାନେ ମଧ୍ୟ ଏହି ଯାତ୍ରାରେ ପୁରୁଷମାନଙ୍କ ସହଯାତ୍ରୀ ହେଲେଣି । ବିଗତ ସପ୍ତାହରେ ବ୍ରହ୍ମପୁର ସନ୍ନିକଟ ହିଞ୍ଜିଳିକାଟୁ ଠାରୁ ପାଣି ନେଇ ଧବଳେଶ୍ୱର ଅଭିମୁଖେ ଯାଉଥିବା ଏହି ଭକ୍ତ କାଉଡ଼ିବାଲା ଦମ୍ପତିଙ୍କ ଛବି ନେଇଛନ୍ତି ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସେ ଆମ ଜାତିର ଆରାଧ୍ୟ ଦେବତା। ଅବଶ୍ୟ ଦେବତା ବୋଲି ଆମେ ଯେତିକି ଭାବିଛୁ ତାଠୁ ଢେର୍ ଅଧିକ ସେ ଆମ ଜୀବନ ଓ ପରିବାରର ଅଙ୍ଗଭାବରେ ଆମ ଘରର ଗୋଟିଏ ସ୍ଥାନରେ ପ୍ରସ୍ତର ମୂର୍ତ୍ତୀଟିଏ ହେଉ ପଛେ ରହିଅଛନ୍ତି। ତାଙ୍କୁ ଆମେ ସ୍ନେହ କରିଛୁ, ଆଦର କରିଛୁ, ବେଳେ ବେଳେ ଗାଳି ବି ଦେଉଛୁ, ତଥାପି ତାଙ୍କୁ ଛାଡ଼ିଦେଇ ଆମ ଜାତିର ଅତୀତ ବର୍ତ୍ତମାନ ଓ ଭବିଷ୍ୟତକୁ ଆମେ ଦେଖିବାର ସାହାସ କରିନାହୁଁ।

ସେ ସମସ୍ତ ଜଗତର ନାଥ, ବିଶ୍ୱବ୍ରହ୍ମାଣ୍ଡର ପତି, ଶବରର ନୀଳମାଧବ, ସମଗ୍ର ଓଡ଼ିଆ ଜାତିର ପରମପ୍ରିୟ ଶ୍ରୀ ଜଗନ୍ନାଥ। ଏମିତି ଦେବତା ଯେ ମାନବସମ ଲୀଳା ରଚନା କରି ଆମ ଜୀବନକୁ ଓ ସମସ୍ତ ଐତିହାସିକ ସାମଗ୍ରିକତାରେ ଆମ ସମାଜକୁ ଐକ୍ୟତାର ରଜ୍ଜୁରେ ବାନ୍ଧି ରଖିବାରେ ସମର୍ଥ ହୋଇଛନ୍ତି। ବିନା ଦ୍ୱିଧାରେ ଯେ ଆମକୁ ନିଜ ନିକଟକୁ ଟାଣି ନେଇଛନ୍ତି, ଆମ ପରି ସୁଖ ଦୁଃଖ ଭୋଗିଛନ୍ତି। ଗ୍ରୀଷ୍ମର ଅସହ୍ୟ ନିଦାଘରେ ଜଳଲୀଳା କରିଛନ୍ତି, ସ୍ନାନ କରିବାପରେ ଜ୍ୱରରେ ପଡ଼ିଛନ୍ତି। ଜ୍ୱର ରୋଗାକ୍ରାନ୍ତହୋଇ ଅନ୍ୟମାନଙ୍କଠାରୁ ଦୂରରେ ଅଣସର ଘରେ ପୀଡ଼ାରେ ପଡ଼ିଛନ୍ତି। ପୁଣି ଥରେ ସ୍ୱାସ୍ଥ୍ୟଘେନି ନବଯୌବନ ଦର୍ଶନ ଦେଇଛନ୍ତି। କାହାପାଇଁ ହାତୀ ତ ପୁଣି କାହାପାଇଁ ପର୍ଶୁରାମ ବେଶରେ ନିଜକୁ ସଜାଇଛନ୍ତି। ସଦବା ଭକ୍ତର ମନକୁ ଚାହିଁ ନିଜକୁ ଭକ୍ତଲୋଭୀ କରାଇଛନ୍ତି।

ଆମ ଦେବତାଙ୍କୁ ଦେଖିବାପାଇଁ ଆମକୁ କର ବା ଅର୍ଥ ଦେବାକୁ ହେଉନି।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଆମ ଦେବତା ଉଦାର ଚିତ୍ତରେ ସମସ୍ତଙ୍କୁ ସ୍ୱାଗତ କରୁଛନ୍ତି । ନା କୌଣସି ଭକ୍ତକୁ ଆଶା ଓ ନିରାଶାରେ ବାନ୍ଧିରଖିବାପାଇଁ କୌଣସି ପ୍ରକାର ଅର୍ଥ ବା ଉପହାରର ଆଶା କରିଛନ୍ତି । ବୋଧ ହୁଏ ସେଇଥି ପାଇଁ ଆମ ଭଗବାନଙ୍କ ମନ୍ଦିରର ହୁଣ୍ଡି ସବୁବେଳେ ଖାଲି, କେହି କେବେ ଏଠି ସୁନା ପାତିଆ, ହାର ବା ମୂଲ୍ୟବାନ ହୀରା ଦାନ କରିନାହିଁ କିମ୍ବା କେହି ଭଗବାନଙ୍କ ଉଦ୍ଦେଶ୍ୟରେ ଅଗଣିତ ଦାନ କରିନାହିଁ । ଭଗବାନ ଅଯାଚିତ ଭାବରେ ସମସ୍ତଙ୍କୁ ସବୁକିଛି ଦେଉଛନ୍ତି । ଭଗବାନଙ୍କ ରାଜତ୍ୱରେ ସମସ୍ତେ ଆନନ୍ଦରେ ରହିଛନ୍ତି ।

ବର୍ଷକରେ ଥରେ ମହାପ୍ରଭୂ ସମସ୍ତ ଭକ୍ତଙ୍କୁ ଆପ୍ୟାୟିତ କରିବାପାଇଁ ସ୍ୱୟଂ ନିଜ ମହଲରୁ ଓହ୍ଲାଇ ଆସନ୍ତି ରାଜରାସ୍ତାକୁ ଆଉ ଲୋକାରଣ୍ୟମଧ୍ୟରେ ଦେଖାନ୍ତି ନିଜର ଉପସ୍ଥିତି ଓ ଉଦାରତାର ଚମତ୍କାର ସ୍ୱରୂପ । ଧର୍ମ ଜାତିର  କୌଣସି ବାଛବିଚାର ନାହିଁ, ସମସ୍ତେ ଏକାକାର । ଆମ ଜାତି ଆମ ଧର୍ମର ମହାନ ଦେବତାଙ୍କ ଏପରି ଏକ ସୁନ୍ଦର ବ୍ୟବସ୍ଥା ବିଶ୍ୱର ଅନ୍ୟକୌଣସି ଦେବତାଙ୍କ ପାଖରେ ଦେଖାଯାଏ ନାହିଁ । ଆଜି ଯେଉଁ ସବୁ ଦେବୀଦେବତାଙ୍କୁ ଜନସାଧାରଣ ନିଜର ବୋଲି ଆପଣେଇଛନ୍ତି, ଦିନକାଳ ଭୁଲି କେବଳ ତାଙ୍କ ନାଁ ଭଜୁଛନ୍ତି, ତାଙ୍କରି ନାଁରେ ଅଗଣିତ ଧନ ଓ ଉପହାର ଢାଳି ଦେଉଛନ୍ତି, ଦର୍ଶନ ପାଇବା ପାଇଁ ଶହ ଶହ ଟଙ୍କା ଦେଇ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଠିଆ ହୋଇ ରହୁଛନ୍ତି, ଯେଉଁଠି ଦର୍ଶନି ପାଇବା ଆଶାର ଭଗବାନଙ୍କୁ ରାତିରେ ଶୁଆଇ ଦିଆଯାଉନାହିଁ, ସେଠାରେ ଆମ ଏଇ ଲୋକ ମାନେ ଭୁଲିଯାଉଛନ୍ତି ବୋଧହୁଏ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱର କହିଛନ୍ତି, ତୁମେ ନିଜ କର୍ମକର, କର୍ମସ୍ୱରୂପ ଫଳ ମୁଁ ତୁମକୁ ଦେବି, ଯାହା ତୁମର ପ୍ରାପ୍ୟ ତାହା ତୁମେ ଅବଶ୍ୟ ପାଇବ, ହେଲେ ଆମର ଏହି ଅଧମ ଯୁଗର ଅଧମ ଲୋକମାନେ ଭଗବାନଙ୍କୁ ଲାଞ୍ଚୁଆ କରିଦେଲେଣି । ଅନାବଶ୍ୟକ ଭାବରେ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଅସଂଖ୍ୟ ମନ୍ଦିର ତୋଳିଦେଲେଣି । ଭଗବାନଙ୍କ ଗୁଣଗାନ କରିବାପାଇଁ ସଂଖ୍ୟାପରେ ସଂଖ୍ୟା ପତ୍ରିକା ମାନ ସବୁ ଛାପିଦେଲେଣି ।

ନା ଆମ ମହାପ୍ରଭୁ ସେମିତି ନୁହନ୍ତି । ସେ ତ ସବୁ ଜାଣନ୍ତି । ନିଜ କୁଡ଼ିଆରେ ବସି ଲୁହ ଝରାଉଥିବା ଗରିବ ଦୀନ ଦୁଃଖିଠୁ ଆରମ୍ଭକରି ଧନୀ ଓ ପ୍ରାଚୁର୍ଯ୍ୟରେ ବୁଡ଼ିରହୁଥିବା ସେଠ ସାହୁକାର ପର୍ଯ୍ୟନ୍ତ ସମସ୍ତଙ୍କ କଥା ସେ ଠିକ୍ ବୁଝୁଛନ୍ତି । ଆମକୁ ଅଭାବ ନାହିଁ । ଆମ ନାଥ ଆମ ସହ ରହିଛି । ତେଣୁ ତାକୁ ଆମେ ଆମ ଜୀବନର ଅଙ୍ଗ କରିଦେଲୁଣି । ମହାପ୍ରଭୂ ବୋଲି ଯେତେ ଡାକିନୁ, ସେତେ ନିଜର ଭଳି କେବେ ଜଗା ତ କେବେ କାଳିଆ ବୋଲି କହିଛୁ । ପୁଣି କେବେ କେଉଁ କେଉଁ ନାଁ ରେ ଡାକିଛୁ, ସେ ସବୁ ଶୁଣିଛି, କେବେ ଅବହେଳା କରିନି । କାରଣ ସେ ଆମ ଘରର ଭଲମନ୍ଦ ବୁଝୁଛି, ସୁଖ ଦୁଃଖ ଜାଣୁଛି । ସେ ଅଛି, ତେଣୁ ଆମେ ଅଛୁ । ତା ସତ୍ତାରେ ଆମ ସତ୍ତା ରହିଛି ।

ଜୟ ଜଗନ୍ନାଥ ।

ଆଶା କରୁଛି ପ୍ରତ୍ୟେକ ମାସ ପରି ଚଳିତ ମାସର ଆହ୍ୱାନ ଆପଣ ମାନଙ୍କ ମନକୁ ପାଇବ । ଯେଉଁ ଲେଖକ ଓ ପାଠକପାଠିକା ଓଡ଼ିଆରେ ଲେଖା ଲେଖି କରୁଛନ୍ତି ଏବଂ ସେମାନଙ୍କ ଲେଖା ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ କରିବାକୁ ଚାହୁଁଛନ୍ତି, ସେମାନେ ପତ୍ରିକାର ଶେଷ ପୃଷ୍ଠା ଦେଖନ୍ତୁ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସୂଚୀପତ୍ର

ଭଗବାନଙ୍କ ସୁରକ୍ଷାର ପ୍ରଶ୍ନ ୮
ବାଲ୍ମୀକି ନାୟକ

ଖେଳନା ନୁହଇ ନାରୀ (୨) ୧୬
ରଶ୍ମୀ ରଞ୍ଜନ କର (ଚୋରକବି)

ବକ୍ରତୁଣ୍ଡ ୧୭
ସନମ୍ କୁମାରୀ

ଅପେକ୍ଷା ୧୮
ଅନୁପମ ବେହେରା

ପରିଚୟ ୧୯
ସୁଷମା ତ୍ରିପାଠୀ

ଝଡ଼ ୨୬
ଶ୍ୱେତା ଆଚାର୍ଯ୍ୟ

ଆହାଃ ! ଚୁ ଚୁ ୨୯
ଡଃ କୁଳାଙ୍ଗାର

ବିଭାଜନର ବେଳ ୩୧
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବାବୁଭାଇଙ୍କ ନିଜକଥା ୩୬
ଅରବିନ୍ଦ ଆଚାର୍ଯ୍ୟ

ବିଶେଷ ସୂଚନା ୪୮

ରହସ୍ୟର ଉନ୍ମୋଚନ ଆଗାମୀ ସଂସ୍କରଣରେ...



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଅଷ୍ଟମ ବର୍ଷ, ଷଷ୍ଠ ସଂଖ୍ୟା
ଅଗଷ୍ଟ ୨୦୧୩
www.aahwaan.com

# ଭଗବାନଙ୍କ ସୁରକ୍ଷାର ପ୍ରଶ୍ନ



ବାଲ୍ମୀକି ନାୟକ (ହେତୁବାଦୀ)

ଆମର ସମସ୍ତ ଧର୍ମଶାସ୍ତ୍ର ଗୁଡ଼ିକୁ ଅଧ୍ୟୟନ କରି ପାଣ୍ଡିତ୍ୟ ଅର୍ଜନ କରିଥିବା ମହାମୁନିମାନେ ସର୍ବଦା ଘୋଷଣା କରି ଆସୁଛନ୍ତି ଯେ ‘ଭଗବାନ ନିଜର ଭକ୍ତମାନଙ୍କ ସୁରକ୍ଷା ପ୍ରଦାନ କରିଥାନ୍ତି’। ସେମାନଙ୍କର ଏହି ଦାବି ଭୁଲ ପ୍ରମାଣିତ ହୋଇଯାଉଛି। ଯେତେବେଳେ କୌଣସି ବ୍ୟକ୍ତି ମନ୍ଦିର ଭିତରେ ପଶି ଦେବଦେବୀଙ୍କ ମୂର୍ତ୍ତିରେ ଲାଗିଥିବା ମୂଲ୍ୟବାନ ଅଳଙ୍କାର ଓ ଦାନ ପେଟିରେ ଥିବା ଟଙ୍କା ଚୋରି କରି ନେଇଯାଉଛି। ପୁରୁଣା ମୂର୍ତ୍ତିକୁ ବିଦେଶରେ ଉଚ୍ଚ ଦାମରେ ବିକ୍ରୀକରିବା ପାଇଁ ମନ୍ଦିରରୁ ସ୍ୱୟଂ ଭଗବାନଙ୍କୁ ବି ଉଠେଇ ନେଇଯାଉଛନ୍ତି। ଆଜିକାଲି ଭିନ୍ନ ଧର୍ମର ଧର୍ମାନ୍ଧ ଲୋକମାନେ ଅନ୍ୟ ଧର୍ମର ଧର୍ମସ୍ଥଳକୁ ନଷ୍ଟ କରିବା ପାଇଁ ଆତଙ୍କବାଦୀଙ୍କ ଦ୍ୱାରା ଭଗବାନଙ୍କ ସମ୍ମୁଖରେ ହିଁ ଭକ୍ତମାନଙ୍କୁ ଗୁଳିକରି ହତ୍ୟା କରି ଦେଉଛନ୍ତି।

ଏହି ଭଳି ଅଘଟଣ ସବୁ ଦେଖି ଭକ୍ତମାନେ ଦ୍ୱନ୍ଦରେ ପଡ଼ିଯାଉଛନ୍ତି। ସେମାନେ ସହଜରେ ବିଶ୍ୱାସ କରି ପାରୁନାହାନ୍ତି, ଏମିତି ହେଉଛି କେମିତି ଓ କାହିଁକି ? ଯେଉଁ ଭଗବାନ ଆମର ସଂପୂର୍ଣ୍ଣ ସୁରକ୍ଷା କରିପାରିବେ ବୋଲି ଭକ୍ତମାନେ ବିଶ୍ୱାସ ରଖିଥାନ୍ତି, ସେହି ଭଗବାନଙ୍କ ଘରେ ହିଁ ସବୁ ପ୍ରକାର ଅନ୍ୟାୟ, ଅତ୍ୟାଚାର ହେଉଛି ଅଥଚ ସର୍ବଶକ୍ତିମାନ ଭଗବାନ ନୀରବରେ ସବୁ ଦେଖୁଛନ୍ତି କିନ୍ତୁ କିଛି ବି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି କାହିଁକି ?

ଏହି ପ୍ରଶ୍ନ ସମୁହର ସନ୍ତୋଷଜନକ ଉତ୍ତର କାହାରି ପାଖରେ ନାହିଁ। ତେଣୁ ଧର୍ମଗୁରୁମାନେ ମନକୁ ସାନ୍ତ୍ୱନା ଦେବାକୁ କୁହନ୍ତି – ‘ଏ ସବୁ ଭଗବାନଙ୍କ ଲୀଳା,


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ତାଙ୍କ ମାୟା ତାଙ୍କୁ ହିଁ ଜଣା ।’ କିମ୍ବା ‘ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ସକାଶେ’ କିମ୍ବା ‘ବର୍ତ୍ତମାନ କଳିଯୁଗ ଚାଲିଛି, ତେଣୁ ଏମିତି ସବୁ ହେବ ହିଁ ହେବ ।’

ଆମେ ଏଠାରେ ପୁରାଣ ଯୁଗର କଥା ବିଚାର କରିବା ନାହିଁ । କାରଣ ସେତେବେଳେ ବି ଚୋର ଅସୁର ତ ଥିଲେ କିନ୍ତୁ ମନ୍ଦିର ଭିତରୁ ଚୋରି କରୁଥିଲେ କି ନାହିଁ, କୌଣସି ଲିଖିତ ବିବରଣୀ ଆମେ ପାଉନାହୁଁ ।

ଇତିହାସ ଯୁଗର କଥା ଆମେ ସବୁ ଜାଣିପାରିବା । କିଛି ହଜାର ବର୍ଷ ତଳେ ତିଆରି ହୋଇଥିବା ସମସ୍ତ ଛୋଟବଡ଼ ମନ୍ଦିର, ମସଜିଦ ଓ ଚର୍ଚ୍ଚ ମାନଙ୍କରେ ମୂଖ୍ୟଦ୍ୱାରକୁ ରାତିରେ ବନ୍ଦ କରାଯିବା ପାଇଁ ବଡ଼ ବଡ଼ ତାଲା ବା କୋଲପ ଲଗେଇବାର ବ୍ୟବସ୍ଥା ସବୁଠି ଦେଖିବାକୁ ମିଳୁଛି । ଏଇଥିରୁ ଅନୁମାନ ଲଗାଯାଇ ପାରେ ଯେ ମନ୍ଦିର ମାନଙ୍କରୁ ଚୋରି ହେବାର ଭୟ ଅନେକ ବର୍ଷରୁ ଥିଲା । ତେଣୁ ସୁରକ୍ଷାପାଇଁ ସତର୍କତା ଅବଲମ୍ବନ କରାଯାଉଥିଲା ।

ଧିରେ ଧିରେ ରାଜାଙ୍କ ସୈନିକମାନେ ମନ୍ଦିରକୁ ଜଗିବା ଆରମ୍ଭ ହେଲା, କାରଣ ରାତିରେ ତାଲା ଭାଙ୍ଗି ଚୋରମାନେ ମନ୍ଦିରରୁ ଧନ ଲୁଟି ନେଇ ଯାଉଥିଲେ । ସେହି ପରମ୍ପରା ଆଜି ବି ଭଲ ଭାବେ ଚାଲିଛି । ପ୍ରତ୍ୟେକଟି ବିଖ୍ୟାତ ଧନୀ ମନ୍ଦିରକୁ ରାତିଦିନ ଜଗି ରହିବାପାଇଁ ସଶସ୍ତ୍ର ସୁରକ୍ଷାବାହିନୀ ନିଯୁକ୍ତ ହୋଇଛନ୍ତି ।

ଏଇଠି ଜନସାଧାରଣଙ୍କ ମନରେ କେତୋଟି ମୌଳିକ ପ୍ରଶ୍ନ ଉଠୁଛି । ଭଗବାନଙ୍କ ସୁରକ୍ଷା ଯଦି ମଣିଷ କରିବ, ତେବେ ମଣିଷଙ୍କ ସୁରକ୍ଷା କରିବ କିଏ ? ମଣିଷ ମାନଙ୍କ ସୁରକ୍ଷା କରିବାପାଇଁ ଯଦି ଭଗବାନ ଅକ୍ଷମ, ତେବେ ତାଙ୍କୁ ସର୍ବଶକ୍ତିମାନ ବୋଲି କହି ପୂଜା କରିବା କାହିଁକି ?

ଆଜି ଦେଶରେ ନାରୀ ମାନଙ୍କ ସୁରକ୍ଷାକୁ ନେଇ ସମସ୍ତେ ହୋ ହଲ୍ଲା କରୁଛନ୍ତି । ସାଧାରଣ ଜନତା, ପୋଲିସ, ସରକାରୀ ଅଫିସର, ଅଦାଲତ ଓ ପ୍ରଶାସନକୁ ବିଭିନ୍ନ ଆଳରେ ଦୋଷ ଦେଉଛନ୍ତି । କିନ୍ତୁ କେହି ବି ଚିନ୍ତା କରୁନାହାନ୍ତି ଯେ ଯେଉଁ ଦେଶରେ ସ୍ୱୟଂ ଭଗବାନ ନିଜେ ଅସୁରକ୍ଷିତ, ସେହି ଦେଶରେ ନାରୀ ଓ ପୁରୁଷ ସୁରକ୍ଷିତ ହେବେ କିପରି ?

ଗତ କିଛି ଦିନ ତଳେ ବାରାଣସୀର କାଶିବିଶ୍ୱନାଥ ମନ୍ଦିରର ମଙ୍ଗଳ ଆରତୀରେ ଯୋଗ ଦେବାପାଇଁ ଟିକେଟ୍ କିଣିବା ବେଳେ ଭକ୍ତ ମାନଙ୍କୁ ନିଜର ପରିଚୟପତ୍ର (ଆଧାର କାର୍ଡ଼, ଭୋଟର ଆଇଡ଼ି କାର୍ଡ଼, ଡ୍ରାଇଭିଂ ଲାଇସେନସ ଆଦିରୁ ଗୋଟିଏ) ଦେଖାଇବା ଅନିବାର୍ଯ୍ୟ କରି ଦିଆଗଲା । ଏହାର ଅର୍ଥ ହେଉଛି କୌଣସି ଆତଙ୍କବାଦୀ ମନ୍ଦିର ଭିତରେ ପଶି ଭଗବାନ କିମ୍ବା ଭକ୍ତଙ୍କୁ କ୍ଷତିଗ୍ରସ୍ତ କରିବାର ଭୟ ରହିଛି ।

ଏହା ଏକ ବିରୋଧାଭାସ ସୃଷ୍ଟି କରୁନାହିଁ କି ? ଭକ୍ତମାନଙ୍କ ବିଶ୍ୱାସ ଯେ ଭଗବାନ ଓ ତାଙ୍କର ଦୂତ ଅର୍ଥାତ ପଣ୍ଡା, ପୂଜାରୀ, ସାଧୁସନ୍ଥମାନେ ତ୍ରିକାଳଦର୍ଶୀ, ଅନ୍ତର୍ଯ୍ୟାମୀ ଓ ଦିବ୍ୟଦ୍ରଷ୍ଟା ଅଟନ୍ତି । ସେମାନେ ଦିବ୍ୟ ଦୃଷ୍ଟି ଦ୍ୱାରା ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ କେଉଁଠି କଅଣ ହେଉଛି ସବୁ କିଛି ଦେଖିପାରିବା ଦାବି କରୁଛନ୍ତି । ତେବେ ମନ୍ଦିର ଭିତରକୁ କୌଣସି ଆତଙ୍କବାଦୀ ସେମାନଙ୍କ ଅଗୋଚରରେ ପଶିଯିବା ସମ୍ଭବ ହେବ କିପରି ?

କାଶୀ ବିଶ୍ୱନାଥ ସ୍ୱୟଂ ମହାକାଳ ଅଟନ୍ତି । ତାଙ୍କର ଏକ ତୃତୀୟ ନୟନ ବି ଅଛି । ଏହି ତୃତୀୟ ନୟନ ଦ୍ୱାରା ସେ ସମସ୍ତ ଗୁପ୍ତ ବସ୍ତୁ ଦେଖିପାରନ୍ତି ଏବଂ ଇଚ୍ଛାକଲେ କ୍ଷଣକରେ ଶତ୍ରୁକୁ ଭସ୍ମ ବି କରିପାରନ୍ତି । ଉତ୍ତର ପ୍ରଦେଶ ସରକାର ହୁଏତ କାଶୀ ବିଶ୍ୱନାଥଙ୍କ ଏହି ଅଦ୍ଭୁତ ଶକ୍ତି ଉପରେ ଆସ୍ଥାବାନ

ନୁହନ୍ତି । ସେଇଥି ପାଇଁ ସେ କୌଣସି ରିସ୍କ ନେବାକୁ ଚାହାନ୍ତି ନାହିଁ ।

ମନରେ ଆହୁରି କିଛି ପ୍ରଶ୍ନ ଉଠୁଛି- ମନ୍ଦିର ଭିତରେ ରହି ରାତିଦିନ ଯୋଗ ସାଧନା କରୁଥିବା ଶହ ଶହ ସାଧୁସନ୍ୟାସୀ ଭକ୍ତଙ୍କ ଧନରେ ହବନ, ଯଜ୍ଞ ଆଦିକରି ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ଦ୍ୱାରା ମନ୍ଦିରର ସୁରକ୍ଷା କରି ପାରୁନାହାନ୍ତି କାହିଁକି ? ଭକ୍ତମାନଙ୍କୁ ଅକୁଣ୍ଠିତ ଚିତ୍ତରେ ଦୀର୍ଘାୟୁ ଭବ କହି ଦିଆଯାଉଥିବା ଆଶୀର୍ବାଦ ବେକାର ହେବ କାହିଁକି ?

କାଶୀ ବିଶ୍ୱନାଥ ମନ୍ଦିରରେ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରତିଦିନ ଶହ ଶହ ଥର ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥାଏ । କୁହାଯାଏ ଏହା ମନ୍ତ୍ର ମାନଙ୍କ ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ମନ୍ତ୍ର ।

'ଓଁ, ତ୍ରୟମ୍ବକଂ ୟଯାମହେ ସୁଗନ୍ଧି ପୁଷ୍ଟିବର୍ଦ୍ଧନମ୍ ।
ଉର୍ବାରୁକ ମିବ ବନ୍ଧନାତ୍ ମୃତ୍ୟୁର୍ମୁକ୍ଷୀୟ ମାମୃତାତ୍ ॥'

ଅର୍ଥାତ, 'ସମସ୍ତ ସଂସାରର ପାଳନକର୍ତ୍ତା, ତ୍ରିନେତ୍ର ଶିବଙ୍କୁ ଆମେ ଆରାଧନା କରୁଛୁ । ବିଶ୍ୱରେ ସୁଗନ୍ଧ ବିସ୍ତାର କରୁଥିବା ଭଗବାନ ଶିବ ଆମକୁ ମୃତ୍ୟୁ ଏବଂ ମୋକ୍ଷରୁ ମୁକ୍ତ କରନ୍ତୁ ।' ଏହି ମନ୍ତ୍ର ମୋକ୍ଷ ଦେବାପାଇଁ ନା ମୃତ୍ୟୁରୁ ରକ୍ଷା କରିବାପାଇଁ ପାଠ କରାଯାଏ ଜଣାନାହିଁ । ଯଦି ମୋକ୍ଷ ଦେବା ଉଦ୍ଦେଶ୍ୟରେ ପାଠ କରାଯାଉଥାଏ ତେବେ ଚିନ୍ତା କରିବା ଆବଶ୍ୟକ ନାହିଁ । ମୃତ୍ୟୁପରେ ହିଁ ତ ମୋକ୍ଷ ପ୍ରାପ୍ତ ହେବ । ଯଦି ମୃତ୍ୟୁରୁ ରକ୍ଷା କରିବାପାଇଁ ମନ୍ତ୍ର ପାଠ କରାଯାଉଛି ତେବେ କାହାର ସାହାସ ହେବ ମନ୍ଦିରରେ ପଶି ଅନିଷ୍ଟ କରିବାପାଇଁ ?

ଗୃହସ୍ଥ ମାନଙ୍କ ଘରର ସୁରକ୍ଷା ପାଇଁ ଆହୁରି ଅନେକ ପ୍ରକାର ଉପାୟ ଧର୍ମଗୁରୁମାନେ କହିଛନ୍ତି –

'ସାତଗୋଟି କଞ୍ଚାଲଙ୍କା ଓ ଗୋଟିଏ ଲେମ୍ବୁକୁ ସୂତାରେ ଗୁନ୍ଥି ଘରର ଦ୍ୱାର ମୁହଁରେ ଟାଙ୍ଗିଦେଲେ କିମ୍ବା ଲୁହାକଣ୍ଟାକୁ ତାନ୍ତ୍ରିକମାନଙ୍କ ମନ୍ତ୍ରସିଦ୍ଧ କରି ଦ୍ୱାର ବନ୍ଧରେ ପିଟିଦେଲେ କିମ୍ବା ସୋରିଷକୁ ମନ୍ତ୍ରସିଦ୍ଧ କରି ଘର ଚାରିପଟେ ଫିଙ୍ଗିଦେଲେ କୌଣସି ପ୍ରକାର ବିପଦ ଘରେ ପଶିପାରିବ ନାହିଁ । ଏହି ସବୁ ଉପାୟ ମନ୍ଦିର ପାଇଁ ବି କରାଯାଇ ପାରିବ । ଭକ୍ତମାନଙ୍କ ଝାଳବୁହା ଧନରେ ପେଟ ପାଳୁଥିବା ଧର୍ମଗୁରୁମାନଙ୍କ ମନ୍ତ୍ର କାମ କରୁନି କାହିଁକି ?

ଆମ ଦେଶର ଦେବତାମାନେ ଗତ ଦୁଇ ହଜାର ବର୍ଷ ଧରି ଭୟଭୀତ ହିଁ ରହୁଛନ୍ତି । ପ୍ରଥମେ ବିଦେଶୀ ବିଧର୍ମୀମାନଙ୍କ ଦ୍ୱାରା ମନ୍ଦିର ଲୁଣ୍ଠନ ହେବା ସମୟରେ ପୂଜାରୀ ଦଳ ପ୍ରଥମେ ଠାକୁରଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଲୁଚାଇ ଦେଉଥିଲେ । ଧନ ସମ୍ପତ୍ତି ପଛେ ଯାଉ ଆମ ଭଗବାନ ସୁରକ୍ଷିତ ରହନ୍ତୁ ବୋଲି ସେମାନେ ମନକୁ ସାନ୍ତ୍ୱନା ଦେଇଥାନ୍ତି । ଅସଲ କଥା ହେଉଛି ଲୁଣ୍ଠନକାରୀମାନେ କାଠ ବା ପଥରରେ ତିଆରି ମୂର୍ତ୍ତି ମାନଙ୍କ ପାଇଁ ଆଦୌ ଆଗ୍ରହୀ ନଥିଲେ । ସେମାନଙ୍କ ମୂଖ୍ୟ ଉଦ୍ଦେଶ୍ୟଥିଲା ମନ୍ଦିରର ଗନ୍ତାଘର ମାନଙ୍କର ସାଇତା ହୋଇଥିବା ଅମାପ ସୁନା, ରୂପା, ଆଦି ମୂଲ୍ୟବାନ ଗହଣା ବା ଅଳଙ୍କାର ।

କାଶୀ ବିଶ୍ୱନାଥଙ୍କ ବି ସେଇ ସମୟରେ ବିଦେଶୀ ଆକ୍ରମଣକାରୀ ମାନଙ୍କ ଭୟରେ ଗୋଟିଏ କୂଅରେ (ଶିବଲିଙ୍ଗକୁ) ଫୋପାଡ଼ି ଦିଆଯାଇଥିଲା । ଶୁଣାଯାଏ ସେଇଟା ଆଜିଯାଏଁ ସେଇଠି ହିଁ ଅଛି ।

ଜଗତର ନାଥ ଜଗନ୍ନାଥଙ୍କ କାହାଣୀ ବି ସେଇଭଳି । ଇତିହାସ କହୁଛି– ଉତ୍କଳର ଚଳନ୍ତି ବିଷ୍ଣୁ କୁହାଯାଉଥିବା ଗଜପତି ଶ୍ରୀ ଦିବ୍ୟସିଂହ ଦେବଙ୍କ ଶାସନ କାଳରେ କଟକ ସୁବାର ନାଏବ ନଜିମ ସୁଜା ଖାଁ ପୁରୀ ମନ୍ଦିର ଲୁଣ୍ଠନ କରିବାକୁ ମନସ୍ଥ କରି ଆଗେଇ ଆସିଲା । ଗଜପତି ଦିବ୍ୟସିଂହ ଦେବ ସୁଜା ଖାଁ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ସହିତ ଯୁଦ୍ଧରେ ଜିତି ପାରିବେ ନାହିଁ ବୋଲି ଜାଣି ନିଜକୁ ଓ ମନ୍ଦିରକୁ ସୁରକ୍ଷା ଦେବା ପାଇଁ ଏକ ହୀନ ଉପାୟ ଚିନ୍ତା କଲେ । ରାଜାଙ୍କ ପ୍ରାସାଦରେ ନାଚ କରୁଥିବା ଅତି ସୁନ୍ଦରୀ କେତକୀ ମାହାରୀକୁ ସୁଜା ଖାଁର ଯୌନ କ୍ଷୁଧା ମେଣ୍ଟାଇବା ପାଇଁ ପଠାଇ ଦେଇ ସେହି ସମୟରେ ଶ୍ରୀ ମନ୍ଦିରରୁ ତିନି ଠାକୁର ବିଗ୍ରହକୁ କୋକଲଗଡ଼କୁ ସ୍ଥାନାନ୍ତରିତ କରିଦେଇଥିଲେ । ସୁଜା ଖାଁ କେତକୀ ମାହାରୀର ସର୍ତ୍ତ ଅନୁସାରେ ଉପଭୋଗ କରି କଟକ ଫେରିଯାଇଥିଲା । ଜଗନ୍ନାଥ ରକ୍ଷା ପାଇଗଲେ ।

ଭଗବାନଙ୍କୁ ରକ୍ଷା କରିବାପାଇଁ ମହାରାଜ ଗୋଟିଏ ନାରୀକୁ ଭୋଗ୍ୟବସ୍ତୁ ଭଳି ବ୍ୟବହାର କରି କେଉଁ ମହାନ କାମ କରିଥିଲେ ? ଯେଉଁ ଭଗବାନ ନିଜର ଏକ ଭକ୍ତ ଅବଳା ନାରୀର ଅସ୍ମିତା ରକ୍ଷା କରିପାରିଲେ ନାହିଁ, ସେହି ଭଗବାନଙ୍କୁ ଯେତେ ନିଷ୍ଠାରେ, ଶ୍ରଦ୍ଧାରେ ଓ ବିଶ୍ୱାସରେ ପୂଜା କଲେ ବି କଅଣ ହେବ ?

ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ପାଇଁ ଆମେ ଯଦି କୌଣସି ଧର୍ମଗୁରୁଙ୍କୁ ପଚାରିବା, ସେ ଚିରାଚରିତ ଢଙ୍ଗରେ ନିର୍ଲଜ ଭାବେ ତୁରନ୍ତ ଉତ୍ତର ଦେବେ – 'ଏହା ସବୁ ପ୍ରଭୁଙ୍କ ମାୟା, ତାଙ୍କର ଲୀଳା ଚାଲିଛି । ଯେଉଁମାନେ ଦୁର୍ଘଟଣା ଯୋଗୁଁ ଅକାଳ ମୃତ୍ୟୁବରଣ କରୁଛନ୍ତି, ସେମାନେ ପୂର୍ବଜନ୍ମରେ ପାପ କରିଥିଲେ, ଯେଉଁମାନେ ବଞ୍ଚିଗଲେ, ସେମାନେ ପୂଣ୍ୟ କରିଥିଲେ ।

ଆମେ ତାଙ୍କୁ ପଚାରିବା, ଠିକ୍ ଅଛି । ମଣିଷ ନିଜର ପୂର୍ବଜନ୍ମର ପାପ ବା ପୂଣ୍ୟ ଯୋଗୁଁ ମରିବ ବା ବଞ୍ଚିବ କିନ୍ତୁ ଠାକୁର କାହିଁକି ନିଜ ମନ୍ଦିର ଛାଡ଼ି ଗୁପ୍ତ ସ୍ଥାନକୁ ଦୌଡ଼ି ଯାଉଛନ୍ତି ?

ସେ କହିବେ – 'ତୁମ ଭଳି ସ୍ଥୁଳ ବୁଦ୍ଧି ନାସ୍ତିକ ମଣିଷ ଏହି ରହସ୍ୟ ବୁଝିପାରିବ ନାହିଁ । ମୁଁ ଆଗରୁ କହିଛି ଏ ସବୁ ପ୍ରଭୁଙ୍କ ଲୀଳା ଚାଲିଛି ।

ଆମେ ପୁଣି ପ୍ରଶ୍ନ କରିବା – ଠିକ୍ ଅଛି ଆମେ ସିନା ସ୍ଥୁଳବୁଦ୍ଧି ନାସ୍ତିକ ମଣିଷ, ତୁମର ସୂକ୍ଷ୍ମ ବୁଦ୍ଧି ବଳରେ ଭଗବାନଙ୍କ ଲୀଳାକୁ ବି ବୁଝିପାରୁଥିବ, ଆମକୁ ଟିକିଏ ସରଳ ଭାଷାରେ ବୁଝେଇ ଦିଅ ।

ସେ ନିଜକୁ ବଞ୍ଚେଇବାପାଇଁ କହିବେ – 'ତୁମକୁ ବୁଝେଇ ଲାଭ କଅଣ ? ତୁମେ ପ୍ରଥମେ ଭଗବାନଙ୍କ ସତ୍ତାକୁ ଅନୁଭବ କର, ତେବେ ହିଁ ଆମ କଥା ଅନୁଭବ କରି ପାରିବ ।' ସତେ ଯେମିତି ସେ ସବୁକିଛି ବୁଝିପାରୁଛନ୍ତି ।

ଆମେ ପ୍ରଶ୍ନ କରିବା – ଠିକ୍ ଅଛି । ଆମେ ସ୍ଥୁଳବୁଦ୍ଧି ନାସ୍ତିକ ମଣିଷ, କିନ୍ତୁ ତୁମେ ତ ସୂକ୍ଷ୍ମବୁଦ୍ଧି ଆସ୍ତିକ ମଣିଷ । କୌଣସି ପ୍ରାକୃତିକ ବିପଦ ଆସିଲେ ଆମେ ଦୁଇ ଗୋଷ୍ଠୀ ଏକାଭଳି ଅସୁରକ୍ଷିତ ରହନ୍ତି କାହିଁକି ? ସେହି ବିପଦ ଯୋଗୁଁ ଆମ ଭଳି ଲୋକ ମରିବ ଏବଂ ତୁମ ଭଳି ଲୋକ ବଞ୍ଚିରହିବାର ଗ୍ୟାରେଣ୍ଟି ରହୁନି କାହିଁକି ?

ଉତ୍ତରାଖଣ୍ଡରେ ଗତ ଜୁନ ୧୬ ତାରିଖରେ ହୋଇଥିବା ମୂଷଳାଧାର ବର୍ଷାରେ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ହୋଇଗଲା । ସେହି ଅଞ୍ଚଳଟି କେଦାରନାଥ ଓ ବଦ୍ରିନାଥ ଦେବତାମାନଙ୍କ ପାଇଁ ପବିତ୍ର ତୀର୍ଥସ୍ଥାନ ହିସାବରେ ବିଶ୍ୱ ପ୍ରସିଦ୍ଧ । ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ନିଜର ସୁରକ୍ଷା କାମନାକରି ସେହି ସ୍ଥାନକୁ ଦୌଡ଼ି ଆସନ୍ତି, ଏହି ବର୍ଷ ବି ହଜାର ହଜାର ଭକ୍ତ ଓ ତୀର୍ଥଯାତ୍ରୀ ଯାଇଥିଲେ । ଭୟଙ୍କର ବନ୍ୟାରେ ସେମାନେ ସମସ୍ତେ ଫସିଗଲେ । ସରକାର ଯଥା ସମ୍ଭବ ସହାୟତା କରିଲେ ଓ ଭକ୍ତ ମାନଙ୍କୁ ଉଦ୍ଧାର କଲେ । ତଥାପି ହଜାର ହଜାର ଲୋକ ଏବେ ବି ନିଖୋଜ ଅଛନ୍ତି । ଏହା ଏକ ମର୍ମନ୍ତୁଦ ପ୍ରାକୃତିକ ବିପଦ ।

ଏହି ଘଟଣାକୁ ଦେଖି ଅବୁଝା ମନରେ ସେହିଭଳି ଏକ ପ୍ରଶ୍ନ ଉଠୁଛି– ସେଠାରେ ମୃତ୍ୟୁବରଣ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

କରିଥିବା ଅସଂଖ୍ୟ ତୀର୍ଥଯାତ୍ରୀ କଅଣ ସମସ୍ତେ ପାପ କରିଥିଲେ ? ଦେଶର ବିଭିନ୍ନ ରାଜ୍ୟରୁ ଯଦି ବହୁତ ଲୋକ ସେହି ଅଞ୍ଚଳକୁ ଯାଇନଥାନ୍ତେ, ତେବେ ସେମାନେ ନିଜଘରେ ସୁରକ୍ଷିତ ବଞ୍ଚିଥାଆନ୍ତେ । ଏତେ ସଂଖ୍ୟାରେ ଜନହାନୀ ହୋଇନଥାନ୍ତା । ସୁଧୀପାଠକେ ସୁସ୍ଥ ଚିତ୍ତରେ ଚିନ୍ତାକରି ଦେଖନ୍ତୁ ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଖେଳନା ନୁହଇ ନାରୀ (୨)



ରଶ୍ମୀରଞ୍ଜନ କର (ଚୋରକବି)

କାପୁରୁଷ ତୁ କି ଜାଣି ପାରୁନାହୁଁ
ମୁଁ ଯେ ତୋର ଜନ୍ମଦାତ୍ରୀ,
ତୋର ମୁଁ ଭଗିନୀ, ଅର୍ଦ୍ଧାଙ୍ଗିନୀ ତୋର
ତୋ କୋଳର ପ୍ରିୟା ପୁତ୍ରୀ ॥
ଜନ୍ମ ଦେଇ ତୋତେ ଜୀବନ ଦେଇଛି
ଅର୍ଦ୍ଧାଙ୍ଗିନୀ ହୋଇ ମନ,
ପାଶୋରି ସବୁ ତୁ ଚୀର ମୋ ହରୁଛୁ
ସାଜି ଧୂର୍ତ୍ତ ଦୁଃଶାସନ ॥
କନ୍ୟା ରୂପେ ପ୍ରଭୂ ଦେଲେ ଆଶୀର୍ବାଦ
ମହାପୂଣ୍ୟ କନ୍ୟାଦାନ
ସେ କନ୍ୟାକୁ ଭୃଣେ ହତ୍ୟା କରୁଅଛୁ
ଜନ୍ମ ଆଗୁ ଶମସାନ ॥
ଫୁଲ ପରି ମୋର କୋମଳ ଶରୀର
ଲୋଡ଼ ଯେ ବଗିଚା ମାଳୀ,
ବଳାତ୍କାରୀ ସାଜି ଫୁଲ କଢ଼ ଟିକୁ
ଗଛରୁ ନେଉଛୁ ତୋଳି ॥
ପାଦେ ଦେଉ କାହିଁ ଦଳି ?
କି ଦୋଷ ତୋର ମୁଁ କରିଅଛି କହ
ପକାଉ କାହିଁ ମୋ ବଳି ?
ଭଗିନୀ ରୂପେ ମୁଁ ରାକ୍ଷୀ ବାନ୍ଧେ ତୋତେ
କରୁଛି ତୋ ଆଗେ ଭିକ୍ଷା
ଭଗ୍ନୀ, ପତ୍ନୀ ମାତା ଝିଅ ମୁଁ କାହାର
ଭାବି କର ମୋର ରକ୍ଷା ॥
ଦିଅ ପ୍ରଭୂ ସଦ୍‌ଶିକ୍ଷା...
ଦିଅ ପ୍ରଭୂ ସଦ୍‌ଶିକ୍ଷା...



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବକ୍ରତୁଣ୍ଡ



ସନମ୍ କୁମାରୀ

ବକ୍ରତୁଣ୍ଡ ମହାକାୟ କୋଟି ସିଦ୍ଧିଦାତା
ପ୍ରଭୂ ଗଜାନନ ତୁମେ ଜ୍ଞାନର ଯେ ଶିଖା,
ଜାଣିନାହିଁ ଭାଗବତ ପଢ଼ିନାହିଁ ଗୀତା
ତଥାପି କରୁଛି ପ୍ରଭୂ ତୁମରି ପ୍ରାର୍ଥନା ॥୧॥

ଆହେ ପ୍ରଭୂ ଗଜାନନ ସିଦ୍ଧ ଗଣପତି
ଦୋଷ ମୋର କ୍ଷମାକର ପ୍ରଭୂ ଦୟାକରି,
ତୁମ ଆଶିଷରେ ମୂର୍ଖ ହୁଅନ୍ତି ତେଜସ୍ୱୀ
କୁହ ପ୍ରଭୂ କେବେ ଦେବ ଆଶିଷ ଯେ ଢାଳି ॥୨॥

ଆହେ ପ୍ରଭୂ ଅଗ୍ରପୂଜ୍ୟ ଦେବ ବିନାୟକ
ତୁମେ ପ୍ରଭୂ ସଂସାରର ସବୁ ପଥିଜ୍ଞାନ
ଜାଣିନାହିଁ ଦୁନିଆ ଯେ ମୁଁ ଛାରଜୀବ
ବର୍ଣ୍ଣିବାକୁ ଏତେ ଜ୍ଞାନ କାହୁ ମୋ ଆସିବ ॥୩॥



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଅପେକ୍ଷା



ଅନୁପମ ବେହେରା

ସମୟ ଚାଲିଛି ତା’ ବାଟରେ
କାହାକୁ ନ କରି ଅପେକ୍ଷା ।
ତୁ ଚାଲିଗଲୁ ତୋ ବାଟରେ
ମୋତେ କରିଦେଇ ଉପେକ୍ଷା ॥ ।୧।

ଗୋଲ୍ ପୃଥିବିଟା ଘୂରୁଛି ସେମିତି
ଆମ କୋଟି ଭୁଲ୍ କ୍ଷମାଦେଇ ।
ତୁ କିନ୍ତୁ ମୋର ଛୋଟ ଭୁଲ୍ ଟାକୁ
ମାଫ୍ କରିପାରିଲୁ ନାହିଁ ॥ ।୨।

ନିଆଁ ଜଳୁଥିଲେ ପାଣି ପକାହୁଏ
ତାକୁ ଲିଭେଇବା ପାଇଁ ।
ହେଲେ ତୋ କ୍ରୋଧର ଅଗ୍ନିକୁ ମୋ ଲୁହ
ଲିଭେଇପାରିଲା ନାହିଁ ॥ ।୩।

ନିରୀହ ପ୍ରାଣୀଟି ବଳି ପଡିଯାଏ
ଆମ ଛୋଟ ଟିକେ ସ୍ୱାର୍ଥ ପାଇଁ ।
ଜୀବନ ଦେଇକି ଭଲ ପାଉଛି ମୁଁ
ତଥାପି ସ୍ୱାର୍ଥପର ହେଲି କାହିଁ ॥ ।୪।

ସୂରୁଜ ବୁଡିଲେ ଭାରି ଖୁସିଲାଗେ
କାଲି ଆସିବ ନୂଆ ସକାଳ ।
ସେଇ ଆଶାରେ ମୁଁ ଅପେକ୍ଷା କରିବି
କେବେ ଫେରିବୁ ତୁ ହୋଇ ମୋର ॥ ।୫।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ପରିଚୟ



ସୁଷମା ତ୍ରିପାଠୀ

ଝରକା ବାଟେ ବାହାରକୁ ଚାହିଁ ରହିଥିଲା ମନୀଷା। ଜ୍ୟୋତ୍ସ୍ନାପ୍ଲୁତ ରଜନୀ। ଜହ୍ନ ଫିକ୍ କିନା ହସି ଦେଲା ପରି କିରଣ ରାଶି ସବୁ ବିଂଚି ହୋଇ ପଡିଥିଲା। ଦିନବେଳା ସୁର୍ଯ୍ୟ ପୁଣି ରାତିରେ ଜ୍ୟୋସ୍ନାର ଆଲୋକରେ ଆଲୋକିତ ଏ ଧରଣୀ। ତେବେ ଅନ୍ଧକାର ପୁଣି କେଉଁଠି? ହୁଏତ କିଛି ସମୟ ପାଇଁ ବାଦଲ୍ ତାର କଳା ଓଢଣୀ ରେ ଢାନ୍କି ଦେଇପାରେ, କିନ୍ତୁ ସିଏ ବା କେତେ ସମୟ ପାଇଁ ?

'ଆ ଜହ୍ନ ମାମୁଁ ଶରଦ ଶଶୀ, ମୋ କାହ୍ନୁ ହାତରେ ପଡରେ ଖସି ।'

ଜହ୍ନକୁ ଦେଖିଲେ କାହିଁକି କେଜାଣି ଏ ପଦଟି ମନେ ପଡିଯାଏ। ବିଷାଦ ସତ୍ତ୍ୱେ, ଚେନାଏ ହସ ଖେଳିଗଲା ମନୀଷା ଓଠରେ ।

ସତରେ,କେଉଁ ଅମୃତବେଳାରେ କବିଙ୍କ ଲେଖନୀରୁ ଝରି ପଡିଥିଲା ଏ ପଦକ । ଅନିଚ୍ଛା ସତ୍ତ୍ୱେ ଝରକା ପାଖରୁ ଫେରି ଆସିଲା ସେ। କ୍ଳାନ୍ତ ମନ ଆଉ ଅବଶ ଶରୀରଟାକୁ ଶେଯ ଉପରେ ବିଛାଇ ଦେବାକୁ ଭାବୁଥିଲା, କିନ୍ତୁ ………… ନା………… ମନ ତାର ଭୀଷଣ ଭାବରେ ଅସ୍ତବ୍ୟସ୍ତ ହେଉଥିଲା। କଣ କରିବ, କଣ ନ କରିବ ଭାବୁ ଭାବୁ, ଲ୍ୟାପ୍ ଟପ୍ ଧରି ବସିପଡିଲା । ସେ ଯେ 'ମା' ହେବାକୁ ଯାଉଛି, ଏ ଖବରଟି ତାକୁ ଖୁସି କରିବା ପରିବର୍ତ୍ତେ, ଅଧିକରୁ ଅଧିକ ବିବ୍ରତ କରି ଚାଲିଛି । ଯେତେବେଳେ ସମ୍ପୁର୍ଣ୍ଣ ଭାବରେ ସେ ନିଜକୁ, ତାର କର୍ମକ୍ଷେତ୍ରରେ କେନ୍ଦ୍ରୀଭୂତ କରିବାକୁ ଚାହୁଁଥିଲା, ସେତିକିବେଳେ ପୁଣି ଏ ଖବର। ପଞ୍ଚତାରକା ହୋଟେଲ୍ ର ରାତ୍ରୀଭୋଜନ ମଧ୍ୟ ଆଜି ତାକୁ ତୃପ୍ତି ଦେଇପାରିନଥିଲା। ଏ ଅବସନ୍ନ



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ମନଟିକୁ ସେ ଯେତିକି ପ୍ରସନ୍ନ କରିବାକୁ ଚେଷ୍ଟା କରୁଥିଲା ତାହା ଅଧିକରୁ ଅଧିକ ଦ୍ୱନ୍ଦରେ ଭରି ଯାଉଥିଲା ।

ଇଏ ପୁଣି କେଉଁ ପ୍ରକାରର ଦ୍ୱନ୍ଦ? ମାତୃତ୍ୱର ଏହି ସମ୍ଭାବନାଟିକୁ, ନା ସେ ଗ୍ରହଣ କରିପାରୁଛି, ନା ନିଜକୁ ସେଥିରୁ ମୁକ୍ତ କରିପାରୁଛି? ଖବରଟି ଜାଣିବା ସଂଗେ ସଂଗେ ସିଏ ତ, ନିଷ୍ପତ୍ତି ନେଇସାରିଥିଲା, 'ମା'ହେବାର ଏହି ସମ୍ଭାବନାଟିକୁ ମୂଳପୋଛ କରିଦେଇ ସେ ନିଜର କାର୍ଯ୍ୟକ୍ଷେତ୍ର ରେ ମନୋନିବେଶ କରିବ । କିନ୍ତୁ ...............ନା .................ନା .....ନିଜର ଏ ନିଷ୍ପତ୍ତି ସଂଗେ ନିଜେ ମଧ୍ୟ ସାଲିସ୍ କରିପାରିଲାନାହିଁ । କେଉଁ ଏକ ଅଦମ୍ୟ ଭରସାର ସହିତ ଜୀବନଟିଏ ତାକୁ ଆଶ୍ରୟ କରି ବଢିବା ପାଇଁ ଆଗେଇ ଆସିଛି, ତାକୁ ମୂଳପୋଛ କରି ସେ କେମିତି ବା ତୁଟାଇ ଦେଇ ପାରିବ ତାର ବିଶ୍ୱାସ ଆଉ ଭରସାକୁ ? ଏହା କଣ ହୋଇ ପାରିବ ତାର କର୍ତ୍ତବ୍ୟ ?

ଏବେ ମନୀଷା ଭିତରେ ଚାଲିଥିଲା ଅହରହ ସଂଗ୍ରାମ । ପୁଣି ସେ ଭାବି ଚାଲିଥିଲା, ତା ଭିତରର ଏ ସମ୍ଭାବନା ଟିକୁ ନିର୍ବାପିତ କରିଦେଲେ, ସତରେ କଣ ସେ ସେଥିରୁ ସମ୍ପୁର୍ଣ୍ଣ ମୁକ୍ତ ହୋଇଯାଇ ପାରିବ? ରାକେଶ ତ ସମସ୍ୟାର ସମାଧାନ ବତାଇ ଦେଇ ଚାଲିଗଲେ, କିନ୍ତୁ ଏଇଟା କଣ ସତରେ ହେଇପାରିବ ତା ପାଇଁ ସମାଧାନର ବାଟ ?

ଅନ୍ୟପକ୍ଷରେ ନିଜ ପାଇଁ ଏତେ କଷ୍ଟ କରି ଗଢି ତୋଳିଥିବା ଏଇ କ୍ୟାରିଅରଟିକୁ ମଧ୍ୟ ଅବହେଳିତ କରି ଛାଡିଦେବା କଥା ଚିନ୍ତା କରି ପାରୁନଥିଲା ସେ । ଏହା କେବଳ ତା ପାଇଁ ନ ଥିଲା ଏକ ବୃତ୍ତିର କଥା, ଏହି ବୃତ୍ତି ମାଧ୍ୟମରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସେ ସୃଷ୍ଟି କରି ଚାଲିଥିଲା । ତେବେ ......ତେବେ ଏ ବିବାହ କଣ ଥିଲା, ତାର ଏକ ଭୁଲ ନିଷ୍ପତ୍ତି? ଅତୀତର ସେହି ଦିନ ଗୁଡିକ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଆଜି ତା ଆଖି ଆଗରେ ନାଚି ଯାଉଥିଲା । ଅତ୍ୟାଧୁନିକ ଜୀବନଶୈଳୀରେ ବଢି ଆସିଥିବା ମନୀଷା, ନିଜ ଜୀବନକୁ ନେଇ କେତେ ଯେ ସ୍ୱପ୍ନ ଦେଖି ନ ଥିଲା ........ । ନିଜର ଏହି ପରିଚୟ ଟିକକ ସୃଷ୍ଟି କରିବା ପାଇଁ କେତେ ଯେ ପରିଶ୍ରମ କରି ନ ଥିଲା ? ଖାସ୍ ସେଇଥିପାଇଁ 'ମା' ନୁହଁନ୍ତି, 'ବାପା 'ଥିଲେ ତାର ଆଦର୍ଶ (ରୋଲ୍ ମଡେଲ୍ ) । ଜୀବନର ପ୍ରତିଟି ପାଦରେ ନିଜକୁ ତୁଳି ଚାଲିଥିଲା ବାପାଙ୍କ ସହିତ ।

ବିବାହ .........ସେ ଦିଗଟି ପ୍ରତି ସେ ଥିଲା ସମ୍ପୂର୍ଣ୍ଣ ଉଦାସୀନ । ସତେ ଯେପରି ସ୍ୱପ୍ନର ଯେଉଁ ସିଡିରେ ସେ ଚଢିବାକୁ ଚାହୁଁଥିଲା, ବିବାହ ଥିଲା ସେଥିରେ ଅନ୍ତରାୟ । ଆଜି ବି ଜଳ ଜଳ ହୋଇ ମନେ ପଡିଯାଉଛି, ସେଇ ଦିନର କଥା, ଯେଉଁ ଦିନ ରାକେଶ୍ ତାକୁ ବିବାହର ପ୍ରସ୍ତାବ ଦେଇଥିଲେ । ହଠାତ୍ ତାକୁ ସେ ଗ୍ରହଣ କରିପାରି ନ ଥିଲା । ଅବଶ୍ୟ ରାକେଶ୍ ସହିତ ତାର ବନ୍ଧୁତା ଥିଲା ନିବିଡ । କିନ୍ତୁ ବିବାହ ..........ନା ........, ଆଖିରେ ଆଖିଏ ସ୍ୱପ୍ନକୁ ନେଇ ଯେଉଁ ସିଡିରେ ସେ ପାଦ ପକାଇ ଉପରକୁ ଉଠିବାର ଚେଷ୍ଟା ଚଳାଇଥିଲା, ସେଥିରେ କୌଣସି ପ୍ରକାରର ପ୍ରତିବନ୍ଧକକୁ ପ୍ରଶ୍ରୟ ଦେବା କଥା ସେ ଚିନ୍ତା କରି ପାରୁ ନ ଥିଲା ।

ସେଦିନ ରାକେଶ୍ ତାକୁ ଯେତେବେଳେ ପଚାରିବସିଥିଲେ, ଆମର ଏ ବନ୍ଧୁତା କଣ ଗୋଟିଏ ସମ୍ପର୍କରେ ପରିଣତ ହୋଇପାରିବନି ? ହସିଦେଇ ପ୍ରତିଉତ୍ତରରେ ପଚାରିଥିଲା କେମିତିକା ସମ୍ପର୍କର କଥା ତୁମେ କହୁଛ ରାକେଶ୍ ?

ରାକେଶ୍ "ସାରା ଜୀବନ ଏକାଠି ଚାଲିବାର ପ୍ରତିଶ୍ରୁତି ।"

"କିନ୍ତୁ ରାକେଶ୍ ତୁମେ କିଛି ଭୁଲ୍ କରୁନାହଁ ତ ? ତୁମେ ଭଲ ଭାବରେ ଜାଣିଛ ମୋ ଜୀବନରେ କ୍ୟାରିଅରର ମାନେ କଣ ? ମୋ ଜୀବନର ସ୍ୱପ୍ନ, ମୋ ନିଜର ପରିଚୟ, ମୋ ନିଜକୁ ମୁଁ କେଉଁଠି

ଦେଖିବାକୁ ଚାହେଁ। କେବଳ ସେତିକି ନୁହେଁ, ମୋ ପରିଚୟ୍ ମାଧ୍ୟମରେ ମୁଁ ଜାଣିବାକୁ ଚାହେଁ ଏକ ନାରୀର ପରିଚୟ ।"

"ତମେ ଜାଣିଛ ରାକେଶ୍ ........? ଆଜି ମଧ୍ୟ ଯେଉଁ ପ୍ରଶ୍ନଟି ମୋଟ ବିବ୍ରତ କରେ,........ଘର ସଂସାର, ଆଉ ତାଭିତରେ ବାନ୍ଧି ହୋଇ ରହିଯିବା, କଣ ଗୋଟିଏ ନାରୀର ପରିଚୟକୁ ଯଥାର୍ଥତା ଦେଇପାରେ ? ଏଇ ପ୍ରଶ୍ନର, ଉତ୍ତରର ସନ୍ଧାନରେ ଏବେବି ମୁଁ ଜଣେ ଦିଗହରା ପଥିକ ।"

ରାକେଶ୍ "କିନ୍ତୁ ମନୀଷା, ତୁମେ କାହିଁକି ଭାବୁଛ ବିବାହ ନାରୀର ପରିଚୟକୁ ସୀମିତ କରିଦିଏ ? ରାଣୀ ଲକ୍ଷ୍ମୀବାଇ କୁହ, ବା ଆଧୁନିକ ଯୁଗର ଥାଚର୍ କୁହ, ଏମାନେ କଣ ବିବାହ କରିନଥିଲେ ?"

ମନୀଷା ହଠାତ୍ ଉତକ୍ଷିପ୍ତ ହୋଇଯାଇଥିଲା। "ରାକେଶ୍, ମୁଁ ତୁମ ସହିତ କୌଣସି ଅବାନ୍ତର ଯୁକ୍ତି କରିବାକୁ ଚାହେଁନି। ତେବେ ତ ସବୁ ନାରୀ ଜଣେ ଜଣେ ଲକ୍ଷ୍ମୀବାଇ, ନ ହେଲେ ଥାଚର୍ ହୋଇଯାଇଥାନ୍ତେ। ଆଜିର ଏକବିଂଶ ଶତାବ୍ଦୀରେ ଗୋଟିଏ ନାରୀକୁ ତାର ପରିଚୟ ଖୋଜିବା କଥା ଚିନ୍ତା କରିବାକୁ ପଡୁ ନ ଥାନ୍ତା ।"

ରାକେଶ୍ "ମୁଁ ତମ ମନର ଆବେଗକୁ ବୁଝି ପାରୁଛି ମନୀଷା, ତୁମକୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଥରେ ବିଚାର କରି ଦେଖ ସତରେ କଣ କୌଣସି ପୁରୁଷ ଚାହିଁଲେ, ନାରୀର ପରିଚୟକୁ ମ୍ଳାନ କରିଦେଇ ପାରିବ? ଅବଶ୍ୟ ମୁଁ ତୁମ ଭିତରେ କେତେ ବିଶ୍ୱାସ ସୃଷ୍ଟି କରିପାରିବି ସେ କଥା ଜାଣେନି, କିନ୍ତୁ ଜୀବନ ଯାତ୍ରାରେ ସାଥିଟିଏ ହେବାର ପ୍ରତିଶ୍ରୁତି ନିଶ୍ଚୟ ଦେଇପାରିବି ।"

ତେବେ ସେଦିନ ରାକେଶ୍ ର କଥା ପଦକରେ ସେ କଣ ଭଳି ଯାଇଥିଲା ? ବିବାହ କଣ, କେବଳ ଥିଲା ତା ମନର ଏକ ଦୁର୍ବଳତା ? ଗୋଟିକୁ ପାଇବାକୁ ହେଲେ କଣ ଆଉ ଗୋଟିକୁ ଛାଡିବାକୁ

ପଡିବ? ତା ହେଲେ ଆଜି ପର୍ଯ୍ୟନ୍ତ ନିଜ ପାଇଁ ବାଛି ନେଇଥିବା ରାସ୍ତା ଟି କଣ ଭୁଲ୍ ଥିଲା ? ଏ ମାତୃତ୍ୱ କଣ ଦେଇ ପାରିବ ତାକୁ ତାର ପରିଚୟ ? ଆଜି ଯେତେବେଳେ ଜୀବନର ଅନେକ ବାଧା, ବିଘ୍ନ ଅତିକ୍ରମ କରି ସେ ସଫଳତାରେ ପାଦ ପକାଇବାକୁ ଯାଉଛି ,ସେତିକିବେଳେ ଏ ପୁଣି କେଉଁ ପ୍ରକାରର ଦ୍ୱନ୍ଦ ?କେଉଁ ପ୍ରକାରର ପରୀକ୍ଷା ?ଆଜି କଣ ସେ ହାରି ଯାଇଛି ?

ସବୁଦିନେ ତା' ପାଇଁ ଦୂର ଦିଗବଳୟରେ ଛିଡା ହୋଇଥିବା ,ବାପାଂକ ସ୍ଥାନରେ ଆଜି ଥିଲେ 'ମା' । କେମିତି ଏକ ତେଲ ଲୁଣ ଭରା ସଂସାରକୁ ଗ୍ରହଣ କରିପାରିଥିଲେ ସେ ।ନିଜ ପାଇଁ କଣ ଏକ ପରିଚୟର ଆବଶ୍ୟକତା ନ ଥିଲା ତାଙ୍କର ?

ତା ମନର ଧର୍ମକ୍ଷେତ୍ରରେ ଆରମ୍ଭ ହୋଇଯାଇଥିଲା ,ମହାଭାରତ ଯୁଦ୍ଧ ।ଦ୍ୱନ୍ଦ,ବିଷାଦ ଗସ୍ତ ଅର୍ଜୁନ ,ଆଗରେ ରଣଭୂମି ,ଶରୀର ପ୍ରକମ୍ପିତ ,ହାତରୁ ଗାଣ୍ଡିବ ଖସି ପଡୁଛି ।

...............ନା ....................ନା .........................ନା........... ଏତେ ଶୀଘ୍ର ପରାଜୟ କୁ ସେ ଗ୍ରହଣ କରିପାରୁ ନ ଥିଲା ।

କେଉଁ ନିବୃତ୍ତ କୋଣରେ ଥିବା ଗପଟି ,ସତେ ଯେପରି ତାର ଲ୍ୟାପ୍ ଟପ୍ ପରଦାରେ ଭାସି ଉଠୁଥିଲା ...................ଦେବୀ ପାର୍ବତୀଂକ ସଂଗ୍ରାମ ,ତାହା ପୁଣି ଦେବ ଦେବ ମହାଦେବଂକ ସହିତ ,ଅଜଣାତରେ ଯିଏ ହୋଇଯାଇଛନ୍ତି ,ତାଂକ ଶିଶୁଟିର ମୃତ୍ୟୁ ର କାରଣ ।ଦେବୀଂକର ଦୃଢ ପ୍ରତିଜ୍ଞା ,ପୁତ୍ର ଯେବେ ଜୀବନ ଫେରି ନ ପାଇବ,ତେବେ ସିଏ କରିଦେବେ ଏ ସୃଷ୍ଟିକୁ ଧ୍ୱଂସ ।ସେଥିପାଇଁ ସେ କରି ଚାଲିଛନ୍ତି ଚଣ୍ଡି ,ଚାମୁଣ୍ଡା ପରି ଅସଂଖ୍ୟ ଶକ୍ତି ମାନଂକର ସୃଷ୍ଟି ।ଦେବୀଂକୁ ଶାନ୍ତ କରିବାର ଆଉ କୌଣସି ଉପାୟ ନ ପାଇ ,ଶେଷରେ ହାର ମାନିଥିଲେ ଦେବ ଦେବ ମହାଦେବ ।ଜୀବନ ଦାନ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ପାଇଥିଲେ ପୁତ୍ର ଗଣେଶ ।..................... ............. ଇଏ ହେଉଛନ୍ତି ସେହି ଦେବୀ ,ଯିଏକି କୌଣସି ଏକ ଜନ୍ମରେ, ସେହି ସ୍ୱାମୀଂକ ପ୍ରତି ଅସମ୍ମାନକୁ ବରଦାସ୍ତ କରି ନ ପାରି ପିତ୍ରାଳୟରେ ,ନିଜକୁ ଯଜ୍ଞ କୁଣ୍ଡରେ ବିସର୍ଜନ ଦେଇଥିଲେ ।କେତେବେଳେ ପୁଣି ସନ୍ତାନର ରକ୍ଷା ନିମନ୍ତେ ,ସ୍ୱାମୀଂକ ବିରୁଦ୍ଧରେ ସଂଗ୍ରାମ .....................................?

ହଁ .............................ମାତୃତ୍ୱ ......ଏକ ,ସଂଗ୍ରାମ ନିଶ୍ଚୟ ........,ନ ହେଲେ, ବନ୍ୟା ,ବାତ୍ୟା ଭଳି ପ୍ରାକୃତିକ ତାଣ୍ଡବଲୀଳା ରେ ମଧ୍ୟ ,ଏକ ଆସନ୍ନପ୍ରସବା ନାରୀ ,ମୃତ୍ୟୁ ନୁହେଁ ,ଜୀବନକୁ ଦେଖିପାରେ କିପରି ?ବିଭିଷିକା ମୟ ପରିସ୍ଥିତିରେ କେବଳ ସନ୍ତାନ ଜନ୍ମ ଦେଇ,କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବି ନ ଥାଏ ସେ ,ବରଂ ପ୍ରତିକୂଳ ପରିସ୍ଥିତି ସହ ସଂଘର୍ଷ କରି ଜୀବନକୁ ଆଗକୁ ବଢ଼ାଇ ନେବାର ପ୍ରତିଶ୍ରୁତି କୁ ବହନ କରିଥାଏ ସେ ।

ମନୀଷାର ମନ ଭିତରେ କେହି ଯେପରି, କହି ଚାଲିଥିଲା, .......ନା .......ନାରୀ ........ ଅବଳା, ଦୁର୍ବଳା ନୁହେଁ, କୌଣସି ଦୁର୍ବଳ ପକ୍ଷରେ ଏଭଳି ଦାୟିତ୍ୱ ଗ୍ରହଣ କରିବା ସମ୍ଭବ ନୁହେଁ ,ବରଂ ଦୁର୍ବଳତା କୁ ପ୍ରଶ୍ରୟ ଦେବା ନାରୀ ପକ୍ଷରେ ଏକ ଅପରାଧ ସମାନ ।ଏଥିପାଇଁ ଯୁଗ ଯୁଗ ଧରି ନାରୀକୁ କେତେ ଯେ ,ସଂଗ୍ରାମର ସମ୍ମୁଖିନ ହେବାକୁ ପଡିଛି ।ନାରୀ ଯେବେ ସଂଗ୍ରାମରୁ ବିରତ ହୋଇଛି ,ଅଥବା ସଂଗ୍ରାମରୁ ନିଜକୁ ଦୁରେଇ ନେଇଛି ,ସେତେବେଳେ ସମାଜ ତାର ଗତିଶୀଳତା ହରାଇଛି ।ସମାଜ ଦୁର୍ବଳ ହେବା ସଂଗେ ସଂଗେ ନାରୀ ମଧ୍ୟ ଦୁର୍ବଳ ବୋଲି ଉପହସିତ ହୋଇଛି ................।

ଆଜି ତା ଭିତରେ ଚାଲିଥିବା ଏଇ ସଂଗ୍ରାମ ଆଗରେ ,ବିଗତ ଦିନର ସଂଗ୍ରାମ ସତେ ଯେପରି ଫିକା ଫିକା ଲାଗୁଥିଲା ମନର ସମୁଦ୍ରରେ ,ଅନେକ ଲହଡି ,ଅନେକ ପ୍ରଶ୍ନ ଆଉ ଅନେକ ଉତ୍ତର ର ଲହଡି ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

କେଉଁ ପ୍ରଶ୍ନର ଉତ୍ତର ନ ଥିଲା ,ତ ପୁଣି କେଉଁ ଉତ୍ତରର ପ୍ରଶ୍ନ ନ ଥିଲା ।କେଉଁ ପ୍ରଶ୍ନ ବିରାଟ ଲହଡ଼ି ଭାଂଗି ଆସୁଥିଲା ତ କେଉଁ ଉତ୍ତର ନିଜ ପାଇଁ ଛୋଟ ଲହରୀଟିଏ ମଧ୍ୟ ପ୍ରସ୍ତୁତ କରି ପାରୁନଥିଲା । ତଥାପି ସେମାନେ ଆସୁଥିଲେ ଆଉ ଯାଉଥିଲେ ।

କେହି ଯେମିତି ତା' କାନେ କାନେ କହି ଯାଉଥିଲା, "ମାତୃତ୍ୱ ଯେବେ ସଂଗ୍ରାମରୁ ବଂଚିତ ହେବ, ସେଥିରୁ ଜାତ ସନ୍ତାନମାନେ, ଜୀବନ ସଂଗ୍ରାମରେ ଲଢ଼ିବା ପାଇଁ ପ୍ରେରଣା ପାଇବେ କେଉଁଠାରୁ ?" ବାହାରକୁ ଚାହିଁଲା ମନୀଷା, ରାତ୍ରୀ ଗଭୀରରୁ ଗଭୀରତର ହେଉଥିଲା । ଆଉ ସେଇ ଗଭୀର ରାତ୍ରୀ ନିରବରେ ନିଜକୁ ପ୍ରସ୍ତୁତ କରୁଥିଲା ସକାଳର ସୂର୍ଯ୍ୟଙ୍କୁ ସ୍ୱାଗତ କରିବା ପାଇଁ ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ଝଡ଼



ଶ୍ବେତା ଆଚାର୍ଯ୍ୟ

ଦେଖ ଝଡ଼ ଆସିଛି

ବହୁ ଦୂରରୁ, ସବୁ କିଛି ଅନ୍ଧାର କରି

ମାଡ଼ି ଆସୁଛି...

ହଁ ଯେ !!! କିନ୍ତୁ ଚାହିଁ ହେଉନି...

ଝଡ଼ର ରୂପରେଖ ମାପି ହେଉନି

କାହିଁ, କେଉଁଠି ଝଡ଼ ?

ମନର ଝଡ଼ କି ?

ନା ତ, ମନରେ ତ ପ୍ରେମ ନାହିଁ

ଯେଉଁଠି ପ୍ରେମ ସେଠି ପ୍ରତାରଣା

ଆଉ ଯେଉଁଠି ପ୍ରତାରଣା

ଠିକ୍ ତା ପର କବାଟ ପାଖେ ଝଡ଼...

କିନ୍ତୁ ଏଠି ତ ମନର ଝଡ଼ ନାହିଁ ॥

ଆଉ ତେବେ !!!

ହଁ ହଁ ଏଇତ ପ୍ରଳୟ ଝଡ଼

ମନର ଝଡ଼ରେ ପୋଡ଼ିଗଲେ

ନୂଆ ମନଟେ ପୁଣି ଉଙ୍କିମାରିବ ଛାତି ତଳେ

ହେଲେ ପ୍ରଳୟ ଝଡ଼



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ତାଣ୍ଡବ କରି ସେ ଦିଗରୁ ଏ ଦିଗକୁ ପୋଡ଼ିଜାଳି ମାଡ଼ି ଆସିବ

କେତେବେଳେ ଅହିରାଜ ପରି ସଁ ସଁ ହେଇ

ତ ପୁଣି କେବେ ଉଲଗ୍ନ, ବିବସ୍ତ୍ର ଦିଗାମ୍ବର ରୂପ ନେଇ!!!

ଦେଖ...

ଝଡ଼ର କେତେ ରୂପ...

ଓଃ... ଚାହିଁ ହେଉନି...

ଧୂଳି ଝଡ଼ରେ ଆଖି ଭିତରେ

ଅନେକ ଧୂଳି ପଶିଲାଣି

ବେଦନା, ଯନ୍ତ୍ରଣାରେ ଭରା ରକ୍ତିମ ଆଖି

ଲୁହ ସବୁ ରକ୍ତ ରୂପ ନେଲେଣି

ଝଡ଼ର ପ୍ରକୋପରେ, ସବୁ ଧ୍ୱସ୍ତ ବିଧ୍ୱସ୍ତ

ପଲ ପଲ ମଣିଷ ହଜିବେ, ମରିବେ, ଜଳିବେ ଆଉ ବୁଡ଼ିବେ ବି

ମରନ୍ତୁ,

ନିୟତିର ନିୟମ

କେତେ ରକ୍ତ, ମାଂସ, ଚମ ଝୁଣି ଝୁଣି ଖାଇଛନ୍ତି

ସବୁ କଣ ହଜମ ହେଉଛି ?

ତାର ପରିଣାମ ଭୋଗିବେ ତ !!!

ନିୟତିକୁ ଉଲଗ୍ନ, ପ୍ରକୃତିକୁ ଉଲଗ୍ନ ଆଉ ବସୁଧାକୁ ଉଲଗ୍ନ

କେତେ ଆଉ କରିବେ ?

ସହିବାର ସୀମା ଟପିଲେ

ଝଡ଼ ତ ହେବ ।

ଏ ପ୍ରକୃତିଛଡ଼ା ମଣିଷ ବୁଝିଲେ ସିନା !!!

ହେଉ, ଭଲ ରକମ ଝଡ଼ ଟେ ହେଉ

ସେ ଝଡ଼ରେ ସବୁକିଛି ହଉ ବିଲୀନ

ଏବେ ସବୁ ନୂଆ ହେବ

ନୂଆ ସୂର୍ଯ୍ୟ, ନୂଆ ଚନ୍ଦ୍ର, ନୂଆ ଆକାଶ ଆଉ ନୂଆ ପୃଥିବୀ

ଆଉ ମଣିଷମାନେ ???

ଆଉ ଆମେ ମାନେ ???

ଏବେ ଭାବିବାକୁ ସମୟ ନାହିଁ

ଦେଖ

ଝଡ଼ ଆସିଗଲାଣି....

ଆଉ ମୁହୂର୍ତ୍ତକରେ ସବୁ ହବ ଧ୍ୱଂସ!!!

# ଆଃ ! ଛୁ ଛୁ



ଡ: କୁଳାଙ୍ଗାର

କିରୋସୀନି ଦିଅ
ସିଏ ପିଇଦେବ;
ବାଲି ଗୋଡ଼ି ଦିଅ
ସିଏ ଖାଇଦେବ ।
ଡାକ୍ତର ତ ଛାର
ତାଙ୍କୁ ଛୁଇଁବାକୁ ରୋଗମାନେ ଡରନ୍ତି
ଆହାଃ!
ଦେଶ ପାଇଁ କଣ ନ କରନ୍ତି ?

ଖଣି ଖାଆନ୍ତି
ଏ ମାଟିର କୋମଳତା ପାଇଁ;
ବିଦେଶ ଧାଆନ୍ତି
ଜନତାଙ୍କୁ ଶାନ୍ତି ଦେବାପାଇଁ ।
ପୁଲିସି ଭଳି ଜୀବକୁ ପୋଷା ମନାନ୍ତି,
ଆହାଃ!
ଦେଶ ପାଇଁ କଣ ନ କରନ୍ତି ?

ମିଛ କହନ୍ତି
ନିଜ ଧର୍ମ-ସତ୍ୟ ରକ୍ଷାପାଇଁ
ଗପ କହନ୍ତି
ଜନତାକୁ ନିଦ ହେବାପାଇଁ ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଭାଷଣର ଗୁଳିଗପେ ନେତାଙ୍କୁ ଶୁଆନ୍ତି
ଆହାଃ !
ଦେଶ ପାଇଁ କଣ ନ କରନ୍ତି ?

ଯୌତୁକ ବିରୁଦ୍ଧରେ
ଏକାଧିକ ବିବାହ କରନ୍ତି;
ଉତ୍ପାତ ବିରୁଦ୍ଧରେ
ପିଲାପିଲିଙ୍କୁ ନେତା କରନ୍ତି ।
ଜନତାଙ୍କୁ ସବୁ ଛାଡ଼ି ଦିଲ୍ଲୀରେ ରହନ୍ତି,
ଆହାଃ !
ଦେଶ ପାଇଁ କଣ ନ କରନ୍ତି ?

କ୍ଷମତା ନିଶାରେ
ସମୟକୁ ଗଣିନପାରନ୍ତି;
ପଇସା ନିଶାରେ
ହୃଦୟକୁ ଧରିନପାରନ୍ତି ।
ଏଡ଼େବଡ଼ ଲୋକ ଦ୍ୱାର ଦ୍ୱାର ବୁଲନ୍ତି,
ଆହାଃ !
ଦେଶ ପାଇଁ କଣ ନ କରନ୍ତି ?


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବିଭାଜନର ବେଳ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଉଣେଇଶ ସତଚାଳିଶିରେ ଦେଶ ବିଭାଜନ ବେଳେ ଯେଉଁ ଅରାଜକତା ବ୍ୟାପିଥିଲା ତାହାର ବ୍ୟାପକତା ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି, ଦେଶ ବିଭାଜନ ହୋଇ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ହୋଇଗଲାଣି, ତଥାପି ଦେଶରେ ଶାନ୍ତି ନାହିଁ । ପାକିସ୍ତାନ ନାଁରେ ଯେଉଁ ଦେଶଟିକୁ ଆମର ଦୂରଦ୍ରଷ୍ଟା ରାଷ୍ଟ୍ରନେତାମାନେ ତିଆରି କରିଦେଇଥିଲେ, ସେଇ ଦେଶ ଯାହାର ସମୁଦାୟ ଜନସଂଖ୍ୟା ସମ୍ଭବତଃ ଓଡ଼ିଶାର ଜନସଂଖ୍ୟା ସମତୁଲ ହେବ, ସମ୍ପୁର୍ଣ୍ଣ ଭାରତବର୍ଷକୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନେକ ଥର ଦୋହଲାଇ ଦେଇଛି । ଆତଙ୍କବାଦକୁ ସୃଷ୍ଟିକରି ସମୁଦାୟ ଦକ୍ଷିଣ ଏସିଆ ଅଞ୍ଚଳରେ ନିଜର ଆଧିପତ୍ୟ ଦେଖାଇବା ଉଦ୍ଦେଶ୍ୟରେ ଅଗଣିତ ନରନାରୀଙ୍କୁ ହତ୍ୟା କରିଚାଲିଛି । କିନ୍ତୁ ଯେତେବେଳେ ଏହି ବିଭାଜନ କଥା ଉଠିଥିଲା ସେତେବେଳେ ହୁଏତ କେହି ଏମିତି ହେବ ବୋଲି ଆଶା କରିନଥିବେ । ସେ ଯା ହେଉ, ଆଜୀବନ ଭାରତପାଇଁ ଏକ କଣ୍ଟା ସଦୃଶ ରହିଗଲା ପାକିସ୍ତାନ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତକୁ ବିଭିନ୍ନ ଭାଷାଭିତ୍ତିରେ ବିଭାଜନ କରାଯାଏ ନୂଆ ନୂଆ ରାଜ୍ୟ ଗଠନ କରାଯାଇଥିଲା । ଅନେକ ବର୍ଷଧରି ସରକାର ଦେଶ ପରିଚାଳନାରେ କୌଣସି ଅସୁବିଧା ପରିଲକ୍ଷିତ ହୋଇନଥିଲା, କିନ୍ତୁ ବିଗତ କେଇ ଦଶନ୍ଧିରେ ବିଭିନ୍ନ ରାଜ୍ୟକୁ ବିଭାଜନ କରାଯାଇ ଝାଡ଼ଖଣ୍ଡ, ଉତ୍ତରାଞ୍ଚଳ, ଛତିଶଗଡ଼ ଆଦି ରାଜ୍ୟମାନଙ୍କର ସୃଷ୍ଟି କରାଯାଇଛି । ଏହି ସବୁ ଛୋଟ ଛୋଟ ରାଜ୍ୟ ଗଠନ କରିବାର ମୂଳ ଲକ୍ଷ୍ୟ ଥିଲା ଉତ୍ତମ ଶାସନ ବ୍ୟବସ୍ଥା ଏବଂ ରାଜ୍ୟବାସୀଙ୍କୁ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ସର୍ବୋତ୍ତମ ସୁବିଧା ପ୍ରଦାନ । ଏଥିରେ କେତେ ପ୍ରତିଶତ ସଫଳତା ପାଇଛନ୍ତି ସେ ସବୁ ରାଜ୍ୟ ତାହା ସମସ୍ତେ ଉଣା ଅଧିକେ ଜାଣିଲେଣି । ଦଶ ବର୍ଷରେ ନଅ ନଅ ଥର ସରକାର ପରିବର୍ତ୍ତନ ହୋଇଛନ୍ତି । ହେଲେ ରାଜ୍ୟ ମାନଙ୍କ ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇ ରହିଛି ।

ସମ୍ପ୍ରତି ଆନ୍ଧ୍ରପ୍ରଦେଶକୁ ଦୁଇ ଭାଗରେ ବିଭାଜନ କରିବା ପାଇଁ ରାଜନୈତିକ ଯୁଦ୍ଧ କୁ ଆଖି ଆଗରେ ରଖି କେନ୍ଦ୍ର ସରକାର ତେଲେଙ୍ଗାନା ନାମକ ଏକ ପୃଥକ ରାଜ୍ୟ ସୃଷ୍ଟି କରିବାପାଇଁ ସବୁଜ ସଙ୍କେତ ଦେଇ ସାରିଲେଣି । ଅବଶ୍ୟ ଏହା ହେଉଛି କି ନା ତାହା ପରବର୍ତ୍ତୀ ସମୟ ହିଁ କହିବ, କିନ୍ତୁ ସରକାରଙ୍କ ଏତାଦୃଶ ସୂଚନା ଫଳରେ ଦେଶରେ ଏକ ବିରାଟ ଜନ ଅସନ୍ତୋଷ ଯେ ସୃଷ୍ଟି ହୋଇଛି, ତାହା ସମସ୍ତେ ଏବେ ଉପଲବ୍ଧି କଲେଣି । ପୂର୍ବରେ ଗୋର୍ଖାଲାଣ୍ଡ ନାମକ ଏକ ରାଜ୍ୟ ସୃଷ୍ଟି ନିମନ୍ତେ ସକ୍ରିୟ ରାଜନୀତି ଆରମ୍ଭ ହେଲାଣି, ଏବଂ ଏହା ହିଂସାତ୍ମକ ରୂପ ବି ନେଲାଣି, ସେହିପରି ଉତ୍ତର ପ୍ରଦେଶକୁ ତିନି ଭାଗରେ ବିଭକ୍ତ କରିବାପାଇଁ ମଧ୍ୟ ବିଭିନ୍ନ ରାଜନୈତିକ ଦଳମାନେ ଦାବୀ କଲେଣି । ସମରୂପରେ ଓଡ଼ିଶାକୁ ଏକ ବୃହତ୍ ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଉତ୍ତରରେ ଖରସୁଆଁ, ଷଢ଼େଇକେଳା ଏବଂ ଦକ୍ଷିଣରେ ଆନ୍ଧ୍ରପ୍ରଦେଶର କିଛି ଜିଲ୍ଲାକୁ ଓଡ଼ିଶାରେ ସମ୍ମିଶ୍ରଣ କରିବା ପାଇଁ ଦାବୀ ହେଲାଣି ।

ବିଗତ କିଛି ଦଶନ୍ଧି ଧରି ପଶ୍ଚିମ ଓଡ଼ିଶାରେ କୋଶଳ ରାଜ୍ୟ ଗଠନ ଦାବୀ ହୋଇ ଆସୁଥିଲା । ସମ୍ବଲପୁରୀ ଭାଷା ମୂଳତଃ କୋଶଳ ଭାଷା ଏବଂ ଏହି ଭାଷାଭାସୀ ଅଞ୍ଚଳକୁ ନେଇ ଏକ ବୃହତ୍ କୋଶଳ ରାଜ୍ୟ ଗଠନ ହେଉ ବୋଲି ଅନେକ ଆନ୍ଦୋଳନ ବେଳେ ବେଳେ ସମ୍ବାଦପତ୍ରର ଶିରୋମଣ୍ଡନ କରିଛି । ସୂଚନାଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାର ବଲାଙ୍ଗିର, ସମ୍ବଲପୁର, ଭବାନିପାଟଣା, ନୂଆପଡ଼ା, ଆଦି ଅଞ୍ଚଳରେ ସମ୍ବଲପୁରୀ ଭାଷାର ପ୍ରାବଲ୍ୟକୁ ଆଖି ଆଗରେ ରଖି ଏହି ସବୁ ଜିଲ୍ଲାକୁ ନେଇ କୋଶଳ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ରାଜ୍ୟଗଠନ କରିବା ଦାବୀ ଜୋର ଧରିବାକୁ ଆରମ୍ଭ କଲାଣି । ଅବଶ୍ୟ ଏହି ଆନ୍ଦୋଳନରେ ସାମିଲ ଅନେକ ବ୍ୟକ୍ତି ଦାବୀ କରନ୍ତି ଯେ କେବଳ ଭାଷା ଭିତ୍ତିରେ ସେମାନେ କୋଶଳ ରାଜ୍ୟ ଗଠନ କରିବା ସପକ୍ଷରେ ନୁହନ୍ତି । ସେମାନେ ଦାବୀ କରନ୍ତି ଯେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଯେଉଁ ପରିମାଣର ଉନ୍ନତି ପରିଲକ୍ଷିତ ହେଉଛି ସେହି ପରିମାଣର ଉନ୍ନତି ପଶ୍ଚିମ ଓଡ଼ିଶାରେ ହେଉନାହିଁ । ଏଥିପାଇଁ ଅନେକେ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କୁ ଦୋଷୀ ବୋଲି ମଧ୍ୟ ଧରି ନେଇଛନ୍ତି ।

ସମ୍ବଲପୁର ଏବଂ ତତ୍‌ସଂଲଗ୍ନ ଅନେକ ଜିଲ୍ଲାରେ ଉପକୂଳବର୍ତ୍ତୀ ଜିଲ୍ଲାରୁ ଆସିଥିବା ଲୋକମାନଙ୍କୁ କଟକିଆ କହି ଚିଡ଼େଇବାର ବି ଦେଖାଯାଏ । ପଶ୍ଚିମ ଓଡ଼ିଶାବାସୀଙ୍କ ମନରେ ଓଡ଼ିଶା ବାସୀଙ୍କ ବିରୁଦ୍ଧରେ ଏମିତି ବିଷୋଦ୍‌ଗାର ଭରିଦେଇଥିବା ରାଜନେତାମାନେ ଏହାର କାରଣ ସମ୍ଭବତଃ ଜାଣିଥାଇ ପାରନ୍ତି ।

କଥା ହେଉଛି, ବିଭାଜନ ଦ୍ୱାରା ଲାଭ କଣ ହେବ ? କେବଳ ଭାଷାଭିତ୍ତିରେ ଆଉ ଏକ ରାଜ୍ୟ ଗଠନ ହେବ । କିନ୍ତୁ ପଶ୍ଚିମ ଓଡ଼ିଶାର ଅଧିକାଂଶ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନଙ୍କର ଜୀବନଚର୍ଯ୍ୟାରେ କିଛି ପରିବର୍ତ୍ତନ ଆସିବ କି ନାହିଁ ତାହା ସ୍ପଷ୍ଟ ଭାବରେ କେହି କହି ପାରିବେ ନାହିଁ । ଏକ ନୂତନ ରାଜ୍ୟ ଗଠନ ହେଲେ ଏହାର ରାଜଧାନୀ ଏବଂ ଆନୁସଙ୍ଗିକ ଅନୁଷ୍ଠାନ ମାନ ଗଢ଼ି ଉଠିବ ଏବଂ ଏଥିପାଇଁ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେବ, ଯାହା ସର୍ବସାଧାରଣଙ୍କ ଅମାନତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନୂଆ ରାଜ୍ୟ ପାଇଁ ନୂଆ ରାଜନେତା ଗୋଷ୍ଠୀ ସ୍ୱତଃ ଜାତ ହେବେ ଏବଂ ସେମାନେ ରାଜ୍ୟ ତଥା ରାଜ୍ୟବାସୀଙ୍କ କଥା କେତେ ବୁଝିବେ ତାହା କହିବା ବି ସମ୍ଭବ ନାହିଁ । କାରଣ ସ୍ୱାଧୀନତା ପରବର୍ତ୍ତୀ କାଳରେ ପଶ୍ଚିମ ଓଡ଼ିଶା ରାଜ୍ୟ ଏବଂ କେନ୍ଦ୍ର ରାଜନୀତିରେ ପ୍ରବୀଣ ଅନେକ

ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଦେଇଥିଲେ ସୁଦ୍ଧା ସେହି ଅଞ୍ଚଳର ଉନ୍ନତି ସକାଶେ କେହି କେବେ ସୁଦୃଢ଼ ପଦକ୍ଷେପ ନେଇଥିବାର ନଜିର ନାହିଁ । ଯଦି ଥାଆନ୍ତା ତେବେ ଆଜି ଏହି ଅଞ୍ଚଳ ଅନୁନ୍ନତ ଅଞ୍ଚଳ ହୋଇ ନଥାନ୍ତା ।

ବିଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲାକୁ କେନ୍ଦ୍ର ସରକାରଙ୍କ କେବିକେ (ମୂଳତଃ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲା) ପ୍ରକଳ୍ପ ଯୋଜନାରେ ସାମିଲ କରାଯାଇଛି । ପରବର୍ତ୍ତୀ ସମୟରେ ରାଜ୍ୟର ଆହୁରି ଅନେକ ଜିଲ୍ଲାକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି । ଏହି ଯୋଜନା ଅନ୍ତର୍ଭୂକ୍ତ ଅନେକ ଜିଲ୍ଲାର ଉନ୍ନତି ହେତୁ ପ୍ରତିବର୍ଷ ଶହ ଶହ କୋଟି ଟଙ୍କା ପାଣିପରି ଖର୍ଚ୍ଚ କରାଯାଇଛି, ତଥାପି ସେହି ଅଞ୍ଚଳ ଅନୁନ୍ନତ ହିଁ ରହି ଆସିଛି । ନୂଆ ରାଜ୍ୟ ହେଲେ କେବିକେ ପ୍ରକଳ୍ପ ସମ୍ଭବତଃ ବନ୍ଦ ହୋଇଯାଇପାରେ, ଏହାପରେ ଏହି ଅଞ୍ଚଳର ବିକାଶ ହେତୁ ଆଉ କୌଣସି କେନ୍ଦ୍ରୀୟ ସହାୟତା ମିଳିବ କି ନାହିଁ ତାହା କିଏ କହିବ ? ଯଦି ଆଜିର ଦିନରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହୋଇ ସୁଦ୍ଧା ରାଜ୍ୟର ଗୋଟିଏ ଅଞ୍ଚଳ ଅନୁନ୍ନତ ହୋଇ ରହିଲା, ଆସନ୍ତାକାଲି ସେଇ ଅଞ୍ଚଳ ଉନ୍ନତ ହୋଇଯିବ ବୋଲି ଭାବିବା 'ଆକାଶ କଇଆଁ ଚିଲିକା ମାଛ' ପରି ଲାଗୁନାହିଁ କି ?

ପଶ୍ଚିମ ଓଡ଼ିଶାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା ଉଚ୍ଚ ଓ ମଧ୍ୟ ପଦାଧିକାରୀ ମାନେ ଯଦି ବର୍ତ୍ତମାନ ସମୟରେ ଏହି ଅଞ୍ଚଳର ଉନ୍ନତି ହେତୁ କିଛି କରି ପାରୁନାହାନ୍ତି, ନୂଆ ରାଜ୍ୟ ନିର୍ମାଣ ହେବାପରେ ସେମାନେ କେତେ ପରିମାଣର ସଫଳତା ହାସିଲ କରିବେ ତାହା କିଏ କହିବ ? ଯେଉଁମାନେ ଆଜି ଯାଏଁ କିଛି କଲେନି, ସେମାନେ ନୂଆ ରାଜ୍ୟ ହୋଇଗଲେ କଣ ରାତାରାତି ପରିବର୍ତ୍ତନ ହୋଇଯିବେ ?

ପଶ୍ଚିମ ଓଡ଼ିଶାର ଅନୁନ୍ନତ ହୋଇ ରହିବାର ଏକ କାରଣ ହେଉଛି ଏହାର ଅଧିକାଂଶ ଅଞ୍ଚଳ ଘଞ୍ଚ ଜଙ୍ଗଲ ଓ ପାହାଡ ପର୍ବତାବୃତ୍ତ ହୋଇ ରହିବା । ଅନେକ ଅଞ୍ଚଳରେ ଏମିତି ଅଧିବାସୀ ବି ଅଛନ୍ତି, ଯେଉଁମାନେ ସଭ୍ୟ ସମାଜରୁ ଅନେକ ଦୂରରେ ଜଙ୍ଗଲମଧ୍ୟରେ ରହୁଛନ୍ତି । କେବଳ ଖଣିଜସମ୍ପଦରେ ପରିପୂର୍ଣ୍ଣ ହୋଇଥିବାରୁ ଏହି ଅଞ୍ଚଳ ଯେ ଉନ୍ନତି କରିଯିବ, ତାହା ଭାବିବା ସମ୍ପୂର୍ଣ୍ଣ ଭାବେ ଭୁଲ । ସେମିତି ହୋଇଥିଲେ ସ୍ୱାଧୀନତାପରେ ଷାଠିଏରୁ ଅଧିକ ବର୍ଷ ବିତିଗଲାପରେ ବି କୌଣସି ଉନ୍ନତି ହେଲାନାହିଁ କାହିଁକି ? ରାଜ୍ୟ ସିନା ନୂଆ ହୋଇଯିବ, ଲୋକମାନେ କଣ ବଦଳିଯିବେ ? ନା ସେମାନଙ୍କ ରହିବା ଖାଇବା ଆଦି ସବୁ ବଦଳିଯିବ । ଯେଉଁମାନେ ଜଙ୍ଗଲ ମଧ୍ୟରେ ଜୀବନ ବିତାଉଛନ୍ତି ସେମାନେ କଣ ଜଙ୍ଗଲକୁ ଛାଡ଼ିଦେବେ ? ଯେଉଁଥି ପାଇଁ ଆଜିପର୍ଯ୍ୟନ୍ତ ସେମାନଙ୍କ ପାଖରେ ଉନ୍ନତ ସୁଖ ସୁବିଧା ସବୁ ପହଞ୍ଚିପାରିଲା ନାହିଁ, ତାହା ନୂଆ ରାଜ୍ୟ ହୋଇଗଲେ କଣ ସମ୍ଭବ ହୋଇଯିବ ?

କୋଶଳ ରାଜ୍ୟ ଗଠନ ପାଇଁ ଦାବୀ କରୁଥିବା ରାଜନେତା ଓ ଅଣରାଜନେତାମାନେ କେବଳ ନିଜ ସ୍ୱାର୍ଥ ସାଧନ ପାଇଁ ସମ୍ପୃକ୍ତ ଅଞ୍ଚଳକୁ ବୃହତ ଓଡ଼ିଶା ରାଜ୍ୟରୁ ଅଲଗା କରିବା ଯୋଜନା କରୁଛନ୍ତି । ଏଥିରେ କାହାର ବି ଲାଭ ନାହିଁ । କିଛି କୁଚକ୍ରାନ୍ତକାରୀ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀର ପ୍ରରୋଚନାର ଅଶିକ୍ଷିତ ଏବଂ ନିରୀହ ଆଦିବାସୀ ତଥା ଅନ୍ୟ ଲୋକମାନେ ଆଜି ଏକ ପୃଥକ୍ ରାଜ୍ୟ ଗଠନ ପାଇଁ ଆନ୍ଦୋଳନପନ୍ଥୀ ହୋଇପଡ଼ିଛନ୍ତି । ଏହା ରାଜ୍ୟର ସ୍ୱାସ୍ଥ୍ୟ ପାଇଁ ଆଦୌ ସ୍ପୃହଣୀୟ ନୁହେଁ । ପୃଥକ୍ ରାଜ୍ୟ ଗଠନ ଅପେକ୍ଷା, ଏକ ସମୃଦ୍ଧ ବିଶାଳ ଓଡ଼ିଶାର ସ୍ୱପ୍ନ ଅତ୍ୟନ୍ତ ଆବଶ୍ୟକ । ଯେଉଁମାନେ ଏହି ଆନ୍ଦୋଳନକୁ ଚଳାଇଛନ୍ତି, ସେମାନେ ନିଜେ ଚିନ୍ତା କରି ଦେଖନ୍ତୁ ସେମାନେ ଏହି ଅଞ୍ଚଳ ପାଇଁ କଣ କରିପାରିବେ, ତାହା କରନ୍ତୁ । ବିଗତ ଅନେକ ବର୍ଷରେ ଏହି ସବୁ ଜିଲ୍ଲାମାନଙ୍କରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉନ୍ନତ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ହୋଇଛି, ସଡ଼କ ଯାତାୟାତ ବି ସୁଧୁରିଛି । ଲୋକମାନଙ୍କ ପାଖରେ ସବୁ ସରକାରୀ ସୁଖ ସୁବିଧା ସହଜରେ ପହଞ୍ଚିପାରୁଛି । ବର୍ତ୍ତମାନ ଆମର ଆବଶ୍ୟକତା ହେଉଛି, ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା । ଲୋକ ମାନଙ୍କ ମନରେ ସରକାରଙ୍କ ଉପରେ ଆସ୍ଥା ଆଣିବା । ଏହା ଫଳରେ ଆମେ ସମ୍ଭବତଃ ବିଭାଜନକୁ ଏଡ଼ାଇ ଦେଇ ପାରିବା । ନହେଲେ ଏମିତି ବି ଦିନ ଆସିବ, ପୃଥକ ରାଜ୍ୟଗଠନ ହେବ ସତ କିନ୍ତୁ ଲୋକ ଯେଉଁ ଗରୀବ କୁ ସେଇ ଗରୀବ ହୋଇ ରହିବେ, ଆଉ ଲାଭ କେବଳ ରାଜନେତା ମାନେ ହିଁ ନେବେ । ଚିନ୍ତା କରି ଦେଖନ୍ତୁ ।


କାକୁଭଉ ଙ୍କ
ନିଜକଥା
ଅରବିନ୍ଦ ଆଚାର୍ଯ୍ୟ
ଅରବିନ୍ଦ

# ବାବୁ ଭାଇଙ୍କ ନିଜକଥା



ଅରବିନ୍ଦ ଆଚାର୍ଯ୍ୟ

ଆଉ ଚାରିଦିନ ରହିଲା ଫର୍ମ୍ ଫିଲାପ୍ କରିବାପାଇଁ ଶେଷ ତାରିଖ। କୌଣସିମତେ ଫର୍ମ ଫିଲାପ୍ କରିବାକୁ ପଡ଼ିବ। ଭାବିଲି ନିଜେ ଯାଇ କରି ଆସିବି। ୟୁନିଭର୍ସିଟିକୁ ଗଲି। ଫର୍ମ ଫିଲପ୍ ହେଇଗଲା। ପରୀକ୍ଷା ଦେବାପାଇଁ ସେଣ୍ଟର ହିସାବରେ ସେଇ ମୋର ଅତି ପରିଚିତ ଜାଗାର ନାଁଟି ଲେଖିଲି। ମୋ ହାତ ସେଇ ନାଁଟିକୁ ଫର୍ମର ଧଳା କାଗଜ ଉପରେ ଲେଖିବାକୁ ବାଧ୍ୟ ହେଲା, କାରଣ 'କୁନି' ମଧ୍ୟ ସେଇଠି ପଢୁଛି। ଆଉ ସେ ବି ପରୀକ୍ଷା ଦେବ ସେଇ ଜାଗାରେ। ଅବଶ୍ୟ ତା'ର ଉମେନସ୍ କଲେଜ୍ ଆଉ ମୋର ଅନ୍ୟ କଲେଜ୍। ତଥାପି ସମାନ ଜାଗା। ଅନ୍ତତଃ ଦେଖିବାର ସୁଯୋଗ ମିଳିଯାଇ ପାରେ। ମନ ଭିତରେ ମେଞ୍ଚାଏ ଉଦ୍‌ବେଗ ନେଇ ମୁଁ ଅପେକ୍ଷା କରି ରହିଲି ସେଇ ଦିନକୁ, ଯେଉଁ ଦିନ ଥରୁଟିଏ ଅନ୍ତତଃ କୁନି କୁ ଦେଖି ପାରିବି।

-----

ଆଜି ପୁଣି ରବିବାର। ଅଫିସ ନାହିଁ। ତେଣୁ ଘରେ ଏକାନ୍ତରେ ବସିବା ଫଳରେ ମୁଣ୍ଡରେ ମେଞ୍ଚାଏ ଅଡୁଆ କଥା ପଶୁଥାଏ। ଦିନସାରା ମୁଁ ଭାବୁଛି, ପ୍ରାୟ ଶହେଥର କୁନି କଥା ଭାବିଥିବି। ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ନିଷ୍ପତ୍ତି ନେଉଥାଏ ଚିଠି ଦେବାକୁ ଓ ପୁଣି ନିଜକୁ ଓହରି ଯିବାକୁ କହୁଥାଏ। କିନ୍ତୁ ଶେଷରେ ମୁଁ ହାର ମାନିଲି। ବାଧ୍ୟ ହୋଇ ଚିଠି ଖଣ୍ଡେ ଲେଖି ବସିଲି। କିନ୍ତୁ ସେତେବେଳକୁ ମୋ ମୁଣ୍ଡ ଭିତରେ ମହାଭାରତ ଯୁଦ୍ଧ ଚାଲିଥାଏ। ତେଣୁ ଚିଠିଟିରେ କଣ ଯେ ଲେଖିଲି ତା'ର ଠିକ୍ ଅର୍ଥ ମୁଁ ନିଜେ ମଧ୍ୟ ବିଶ୍ଳେଷଣ କରି ପାରିଲି ନାହିଁ।



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଯା'ହେଉ ମୁଁ ଚିଠିଟି ଲେଖିଦେଇ ସାଙ୍ଗେ ସାଙ୍ଗେ ଯାଇ ଡାକବାକ୍ସରେ ପକେଇ ଦେଇ ଆସିଲି । କାଲି ସୋମବାର । ତେଣୁ କାଲି ହିଁ ଚିଠି  ଯିବ । ଯାଉ, କିନ୍ତୁ କାମ ଛିଡ଼ିଗଲା ବୋଲି ମୁଁ ଭାବିଲି । ପୁଣି ଇଚ୍ଛା ହେଉଥିଲା, ଆଉ ଖଣ୍ଡେ ଚିଠି ଲେଖିବା ପାଇଁ । ସତେ ଯେମିତି ଜୀବନସାରା ମୁଁ ଚିଠି ଲେଖୁଥାନ୍ତି । କିନ୍ତୁ ପର ମୁହୂର୍ତ୍ତରେ ମନେ ପଡ଼ିଗଲା କୁନିର ସେ କଥା 'ବାବୁ ଭାଇ, ପ୍ଲିଜ୍ ତୁମେ ଯଦି ତୁମ ଟିକି ଭଉଣୀର ମଙ୍ଗଳ ଚାହୁଁଥାଅ, ତାହା ହେଲେ ଚିଠି ଦେବନି ।'

ମୁଁ ନିଜକୁ କ୍ଷମା କରିପାରିଲି ନାହିଁ । କାହିଁକି ମୁଁ ଚିଠି ଦେଲି । କଣ କଣ ଲେଖିଦେଲି ସେଥିରେ । ନିଜକୁ ଧିକ୍କାର କଲି ।

ମୋ ମନ ବ୍ୟସ୍ତ ଥାଏ । ଚିଠି ଟି ଦେଇଦେଲି ସିନା କିନ୍ତୁ ତାର ପରିଣାମ ନିଶ୍ଚୟ ଭୟଙ୍କର ହେବ ଏହା ହିଁ ମୁଁ ଭାବିଥିଲି । କିନ୍ତୁ ମନ ଭଲ ଲାଗୁନଥିଲା । କିନ୍ତୁ ଠିକ୍ ସୋମବାର ଦିନ କୁନି ପାଖରୁ ଚିଠିଟିଏ ପାଇଲି ।

ମନରେ ଆଶଙ୍କା ମିଶା ଆନନ୍ଦ ଖେଳିଗଲା । ପ୍ରଥମେ ଚିଠି ଖୋଲିବା ପୂର୍ବରୁ ଭାବିଲି, ବୋଧ ହୁଏ କୁନି ଲେଖିଥିବ, ଚିଠି ମୁଁ ତା ପାଖକୁ ଦେଇ ପାରିବି । କିଛି କେହି ତାଙ୍କ ଘରେ ଭାବିବେନି । ପୁଣି ଭାବିଲି, ଏୟା ବି ହୋଇପାରେ କୁନି ରାଗି କରି ଚିଠି ଦେଇଥିବ, ମୋର ନିର୍ବୋଧତାକୁ ଧିକ୍କାରି ଥିବ । ଚିଠିଟି ଖୋଲିଲି-

ସମ୍ମାନୀୟ ବାବୁ ଭାଇ,

ଟିକି ଭଉଣୀର ପ୍ରଣାମ ଏତେ ଦୂରରୁ ତୁମ ପାଖରେ ପହଞ୍ଚିବ କି ନାଇଁ ଜାଣେନି । ତଥାପି ମୋତେ ପର ଭାବିବନି । ମୁଁ ଯେଉଁ ଚିଠି ଦେଇଥିଲି, କଣ ସେଇଟା ତୁମେ ପାଇନ ? ଏତେ ବୁଝେଇ କରି


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଲେଖିଥିଲି, କଣ ବୁଝିପାରିଲ ନାହିଁ ? ଶେଷ ଚିଠି ହିସାବରେ ମୁଁ ତୁମଠୁଁ ଆଶା କରିଥିଲି ଗୋଟିଏ ଚିଠି । କିନ୍ତୁ ତୁମେ କଣ ମୋ ମନ କଥା ବୁଝିପାରିଲନି ? ତୁମଠୁଁ ଚିଠି ନ ପାଇ ମୁଁ ବାଧ୍ୟହୋଇ ଏ ଚିଠି ଲେଖୁଛି । ତମେ ଫର୍ମ୍ ଫିଲପ୍ କଲ ନା ନାହିଁ । କିଛି ନ ଜଣାଇଲେ ମୁଁ କେମିତି ଜାଣିବି? ମୁଁ ଏଠି ଗାଁରେ ରହି ଆମର ପରୀକ୍ଷା କଥା କିଛି ଜାଣିପାରୁନି । ତୁମେ ଯଦି ପରୀକ୍ଷା ନୋଟିସ ପାଅ ମୋ ପାଖକୁ ପଠାଇବ । ମୋତେ ଟିକେ ବୁଝିବାକୁ ଚେଷ୍ଟା କରିବ । ମୁଁ ତୁମ ମନରେ ବହୁତ ଦୁଃଖ ଦେଲିଣି, ନୁହେଁ? ଆଉ ହଁ, ମୁଁ ପରୀକ୍ଷା ବେଳେ ଖୁଡ଼ୀଙ୍କ ଘରେ ରହିବିନି । ଅନ୍ୟ ଆଡ଼େ ରହି ପରୀକ୍ଷା ଦେବି । ତୁମକୁ ଆଉ କଷ୍ଟ ଦେବିନି । ପ୍ଲିଜ୍ ମୋତେ ଭୁଲ ବୁଝିବନି । ଖଣ୍ଡେ ଚିଠି ଦେବ । ମୁଁ ଖାଲି ଅପେକ୍ଷା କରିଛି, ତୁମର ଖଣ୍ଡେ ଚିଠିକୁ । ଯାହାକୁ ପାଇଲେ ମୁଁ ଜାଣିବି ତୁମେ ମୋ ଉପରେ ରାଗିନାହଁ ବୋଲି ।

ବାବୁ ଭାଇ ! ମୁଁ ଗୋଟେ କଥା କହିବି, ରଖିବ ତ ? ତୁମେ କ'ଣ ମୋ ପାଖକୁ ଆଉ ମାଡ଼ ପଠାଇବ ? କୋଉ ଡିକ୍ସିନାରୀରୁ ଦେଖି ମାଡ଼ ପଠାଇବ ଲେଖିବ । ମୁଁ ମାଡୁଇ ହୋଇ ଗଲିଣି । ରହୁଛି । ଚିଠି ପାଇ ଚିଠି ନିଶ୍ଚୟ ଦେବ । ଇତି ।

-କୁନି-

ଚିଠିଟା ପଢ଼ିସାରି ମୋ ଅବସ୍ଥା ଯାହା ହେଲା ତାକୁ କାଗଜ କଲମରେ ପ୍ରକାଶ କରିହେବନି । କୁନି ମୋରି କଥାକୁ ମତେ ମନେ ପକାଇ ଯେଉଁ ବିରାଟ କୋହ ମୋ ମନ ଭିତରେ ସୃଷ୍ଟି କରୁଥିଲା, ସେଗୁଡ଼ାକ ଲୁହ ହୋଇ ଅମାନିଆ ଭାବରେ ମୋ ଆଖିରୁ ଝରିପଡୁଥିଲେ । ମୁଁ ଦୁଇ ହାତରେ ତାକୁ ପୋଛୁ ପୋଛୁ ଚିଠିଟାକୁ ପକେଟରେ ପୁରେଇଲି । ପରୀକ୍ଷା ଦେବାକୁ ଯେବେ ଯିବି, ସେ ଦିନ କଥା ଭାବିଲି । ଦିନଗୁଡ଼ାକ ମୋତେ ବର୍ଷ ଭଳି ଲାଗୁଥିଲା ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଶେଷରେ ସେ ଦିନଟି ଆସିଲା । ଯେଉଁ ଦିନ ମୁଁ ସଜବାଜ ହୋଇ ବାହାରିଲି ପରୀକ୍ଷା ଦେବାକୁ । ପୁରୁଷୋତ୍ତମପୁରଠୁଁ ରାତିରେ ବସରେ ବସିଲି । ତା'ପର ଦିନ ଉପରବେଳା ଯାଇ ପହଞ୍ଚିଲି ଲକ୍ଷ୍ୟସ୍ଥଳରେ । ସେଠାରେ ଜଣେ ଆତ୍ମୀୟଙ୍କ ଘରେ ରହିଲି । କାରଣ ଜନ୍ମେଞ୍ଜୟ ବାବୁଙ୍କ ଘରେ ରହିବାଟା ଅସଂଗତ ମନେ ହେଲା । ତାଛଡ଼ା ମୁଁ ଉଚିତ ମନେ କଲିନାହିଁ । କେବଳ ମୁଁ ନିଜ ଭାଗ୍ୟକୁ ନିନ୍ଦା କଲି । ଆଉ କୁନିକୁ ଦେଖା ହେବାଟା ମୋ ଭାଗ୍ୟରେ ଥିଲେ ହେବ ନ ହେଲେ ନାହିଁ ବୋଲି ନିଶ୍ଚିତ ହୋଇଗଲି ।

କିଛି ଦିନପରେ ମା ଓ ବାବା ଆସି ପହଞ୍ଚିଲେ, ମୁଁ ଯେଉଁଠି ଥିଲି ସେଇଠି । ଅବଶ୍ୟ ମୁଁ ଯେଉଁଠି ଥିଲି ସେ ଘରଟି ଜନ୍ମେଞ୍ଜୟ ବାବୁଙ୍କ ଘରଠାରୁ ଅଳ୍ପ ଦୂରରେ । କିନ୍ତୁ ମନ ମାନିଲାନି । ଇଚ୍ଛା ହେଲା ଟିକେ ଯାଇ ବୁଲି ଆସିବାକୁ । କୌଣସି ଅଜଣା ଶକ୍ତି ମୋତେ ଟାଣୁଥିଲା । ଶେଷରେ ମୁଁ ବାହାରିଲି ତାଙ୍କ ଘରଆଡ଼େ । ପୂର୍ବରୁ କୁନିର ଚିଠିରୁ ମୁଁ ଜାଣିଥିଲି ଯେ କୁନି ସେଠାରେ ନଥିବ । କାରଣ ସେ ଅନ୍ୟ କେଉଁଠି ରହି ପରୀକ୍ଷା ଦେବ ବୋଲି ଲେଖିଥିଲା । ତଥାପି ସେଠି ମୁଁ ପହଞ୍ଚି ଜାଣିଲି ଯେ କୁନି ଗାଁରୁ ଆସିଯାଇଛି । କିନ୍ତୁ ତା'ର ଆଡ଼ମିଟ୍ କାର୍ଡରେ କୌଣସି ଅସୁବିଧା ଅଛି । ତେଣୁ ପରୀକ୍ଷା ଆସନ୍ତା କାଲି ଥିବାରୁ ତାଙ୍କ କଲେଜକୁ ଯାଇଛି ବୁଝାବୁଝି କରିବାକୁ । ସେତେବେଳେ ମଧ୍ୟ ମୁଁ କୁନିକୁ ଦେଖି ପାରିଲି ନାହିଁ । ଖାଲି ଲୁଗା ଅଗଣାରେ ତା'ର ଡ୍ରେସ୍‌ଗୁଡ଼ାକ ଦେଖି ଫେରିଲି ।

ଆଜି ପ୍ରଥମ ଦିନ ପରୀକ୍ଷା । ମୁଁ ଯାହା ପଢ଼ିଥିଲି ତାହା ମୁଁ ଜାଣିଛି, ବୋଧହୁଏ ଖୁବ୍ କମ ପିଲା ସେଇମିତି ପଢ଼ିଥିବେ । ପରୀକ୍ଷ ଦେବା ସମୟ ପାଖେଇ ଆସିଲାଣି । ମୁଁ କଲେଜ ଯିବାକୁ ପଡ଼ିବ ଗାଡ଼ିଧରି । ଗାଡ଼ି ବାହାର କଲି । ପ୍ରଥମେ ଗାଡ଼ିରେ ବସି ଭାବିଲି କୁନି ସହ ଦେଖା ହୋଇଯାଆନ୍ତା କି, ପରୀକ୍ଷାରେ ଠିକ୍ ଲେଖିପାରନ୍ତି । କିନ୍ତୁ ପୁଣି ଚିନ୍ତା କଲି, ମୁଁ ଏ ସବୁ କଣ ଭାବୁଛି ? କୁନି ତ ବର୍ତ୍ତମାନ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଅନ୍ୟ ଏକ ଜାଗାରେ ଯେଉଁଠାର ଠିକଣା ମୁଁ ଜାଣିନି । ସେଠି ସିଏ ଆନନ୍ଦରେ ପରୀକ୍ଷା ଦେବାକୁ ବାହାରି ସାରିଥିବ । ଅବଶ୍ୟ ଗୋଟିଏ ସହରରେ ଆମେ ଥିଲୁ, କିନ୍ତୁ ମୁଁ ଚନ୍ଦ୍ରରେ ଆଉ ସେ ପୃଥିବୀରେ ଥିବା ପରି ଲାଗୁଥିଲା ।

ଗାଡ଼ି ଚାଲୁଥିଲା, ହଠାତ୍ କଣ ମନ ହେଲା କେଜାଣି, ଗାଡ଼ି ଧରି ଚାଲିଲି ଉମେନସ୍ କଲେଜ୍ ଆଡ଼େ । ପରୀକ୍ଷା ସମୟ ପାଖେଇ ଆସୁଥାଏ । ତଥାପି ମୋ ମୁଣ୍ଡରୁ ପାଗଳାମୀ ଯାଇନଥାଏ । ଆଉ ଦଶ ମିନିଟ୍ ମାତ୍ର ଥାଏ । ଗାଡ଼ିର ଗତି ବଢ଼େଇ ଦେଲି ।

ଏଇତ, ଆଗରେ ଉମେନସ୍ କଲେଜ୍ । ଅନେକ ଝିଅପିଲା ଠିଆ ହୋଇଛନ୍ତି । ଦୂରରେ ଅଛନ୍ତି । କାହାରି ମୁହଁ ମୋତେ ଠିକ୍ ଭାବରେ ଦେଖାଯାଉନି, କୁନିକୁ ଚିହ୍ନିବି କିପରି ? ତାର ତ ମୁଁ ଗୋଟାଏ ରୂପ ଦେଖିଛି, କୁଅ ପାଖରେ ପାଣି କାଢ଼ିବା ସମୟରେ । ସେଇ କଳାରଙ୍ଗର ନାଇଟ୍ ଗାଉନ୍ ପିନ୍ଧିଥାଏ । ଯାହାର କି ଧଳା ରଂଗର ଲେସ୍ ଲାଗିଛି କାନ୍ଧ ଉପରେ । ବାସ୍, ସେତିକି ହିଁ କୁନିର ମୋ ସହ ପରିଚୟ ।

କିପରି ମୁଁ ଜାଣିବି କୁନି କିଏ ? ଏଠି ସିଏ ଅଛି କି ନାହିଁ? କିନ୍ତୁ ମୋ ମନ କହୁଥାଏ ସିଏ ଏଠି ନାହିଁ, ନାହିଁ, ନାହିଁ । ତାର ଆଡ଼ମିଟ୍ କାର୍ଡ୍ ଠିକ୍ ହେଲା କି ନାହିଁ? ସିଏ ପରୀକ୍ଷା ଦେବାକୁ ଆସିଛି କି ନାହିଁ? ମୁଁ ତାକୁ ପରୀକ୍ଷା ଦେବା ପୂର୍ବରୁ ଦେଖି ପାରିବି ତ ?

ଆଉ ମାତ୍ର ପାଞ୍ଚ ମିନିଟ୍ ଥାଏ ପରୀକ୍ଷା ସମୟ । ଉମେନସ୍ କଲେଜ୍ ଠାରୁ ପ୍ରାୟ ଏକ କିଲୋମିଟର ଆମ ପରୀକ୍ଷା କେନ୍ଦ୍ର । ତେଣୁ ମୋ ମୁଣ୍ଡ ଭିତରେ ସେତେବେଳେ ଯେଉଁ ସବୁ ଭାବନା ମାଡ଼ଗୋଳ କରୁଥିଲେ, ତାହା ଅନୁଭବୀ ହିଁ ଅନୁଭବ କରି ପାରିବ ।

ଆଉ ସମୟ ମାତ୍ର ତିନି ମିନିଟ୍ । ତଥାପି ମୁଁ ଗାଡ଼ିଟାକୁ ପାଖ ଆକାଶିଆ ଗଛ ପାଖରେ ରଖି ଏକ


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ଲୟରେ ଚାହିଁଥାଏ, କୁନିକୁ । ଅନେକ ଝିଅଙ୍କ ଭିତରେ ଖୋଜୁଥାଏ ମୋ କୁନି କୁ । ଜଣ ଜଣ ହୋଇ ସେଦିନ କେତେ ଲୋକ ମୋର ଏ ପାଗଳାମୀକୁ ଦେଖିଛନ୍ତି । ମୁଁ କିନ୍ତୁ କାହାକୁ ଲକ୍ଷ୍ୟ କରୁନଥାଏ । କେବଳ କୁନି ଆଉ କୁନି । ଶେଷରେ ପରୀକ୍ଷା ସମୟକୁ ଆଉ ଏକ ମିନିଟ୍  ପ୍ରାୟ ଥାଏ, ମୋର ଜଣେ ପୁରୁଣା ସାଙ୍ଗ ପଛ ପଟରୁ ଆସି କହିଲା-

'ଆରେ, ହେ! ଏଠି କଣ ଠିଆ ହୋଇଛୁ? ପରୀକ୍ଷା ଦେବୁ କି ନାହିଁ ? ଟାଇମ୍ ହେଇଗଲାଣି ପରା । ଚାଲ ।'

- 'ହଁ ହଁ ହଁ... ଯାଉଛି ।'

- 'ଚାଲ ମ । ଏଠି କଣ ପରୀକ୍ଷା ଦେବୁ କି ?'

- 'ଚାଲ ଭାଇ ଚାଲ... ମୁଁ ଯାଉଛି ।'

- 'ଯାଉଛି ? କେତେବେଳେ... ଯିବୁ ନା ଦେଖିବୁ ।'

ବାଧ୍ୟ କରି ସେ ମୋତେ ଟାଣିନେଲା । ମୁଁ ବୋଧହୁଏ ସେଇଠି ସେମିତି ଠିଆ ହୋଇ ରହିଥାନ୍ତି, ଯଦି ସେ ମୋତେ ନେଇନଥାନ୍ତା ।

କାହିଁକି ମୁଁ ସେଠି ଠିଆ ହୋଇ ଏମିତି ଭାବନାକୁ ମୋ ମୁଣ୍ଡ ଭିତରେ ପ୍ରଶ୍ରୟ ଦେଉଥିଲି ? ମୁଁ ଜାଣିପାରିଲିନି ।

ପରୀକ୍ଷା ହଲରେ ପହଞ୍ଚିଲି । କିନ୍ତୁ କେମିତି ଯାଇ ସିଟରେ ବସିଲି ମୁଁ ଜାଣିନି । ସିଟରେ ବସିଲି । ପରୀକ୍ଷା ଆରମ୍ଭ ହେଲା । କିନ୍ତୁ ପ୍ରଶ୍ନପତ୍ରକୁ ପଢୁ ପଢୁ ମୋ ଆଖିରେ ଲୁହଦ୍ୱାରା ତାହା ଝାପସା ହୋଇ ଆସିଲା । ମୁଁ କିଛି ପଢ଼ିପାରିଲିନି ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ବାରମ୍ବାର ମୋର ମନେ ପଡ଼ିଗଲା କୁନିର ଖୁଡ଼ୀ ତଥା ଜନ୍ମେଞ୍ଜୟ ବାବୁଙ୍କ ସ୍ତ୍ରୀଙ୍କ କଥା – 'କୁନୀର ଆଡ଼ମିଟ୍ କାର୍ଡ୍ କ'ଣ ଅସୁବିଧା ହୋଇଛି ପରୀକ୍ଷା ଦେବ କି ନାହିଁ? ବୋଲି ଛୁଆଟେ । କ'ଣ ସିଏ କରୁଛି; ତା'ର ଠିକ୍ ନାହିଁ । ପରୀକ୍ଷା ଆସି ମୁଣ୍ଡ ଉପରେ, ଏତେବେଳ ଯାଏ କିଛି ଠିକ୍ କରିନି । ଏତେ ଅବହେଳା କରୁଛି, ପରୀକ୍ଷା କଣ ଦେବ କେଜାଣି ।'

ମୋ ମୁଣ୍ଡ ଭାରାକ୍ରାନ୍ତ ହୋଇ ଉଠିଲା । କୁନି ପରୀକ୍ଷା ଦେବତ ? ନା, ମୁଁ...

ପରୀକ୍ଷାର ଶେଷ ଘଣ୍ଟା ଠଁ ଠଁ ହୋଇ ବାଜି ଉଠିଲା । ମୁଁ ପ୍ରକୃତିସ୍ଥ ହେଲି । କଣ ସେଦିନ ମୁଁ ଲେଖିଲି, ମୁଁ ବି ଠିକ୍ ରୂପେ ଜାଣିନି । ଗାଡ଼ି ଧରି ସିଧା ଘରକୁ ଆସିଲି । ଖାଇଦେଇ ଶୋଇପଡ଼ିଲି । ଶୋଇଲା ବେଳେ ଚିନ୍ତା କଲି-

'ଆରେ, ଆଜି ତ କୁନିର ପରୀକ୍ଷା ନଥିବା, କାରଣ ତାର ଏ ପେପରଟା ନାହିଁ । ତାର ପରୀକ୍ଷା କାଲିଠୁଁ ଆରମ୍ଭ ।'

ମୁଁ ନିଜକୁ ନିଜେ କହି ପକାଇଲି । ଭାରି ହସ ମାଡ଼ିଲା । 'ମୁଁ କେତେ ଭାବପ୍ରବଣ ସତେ । ଧେତ୍ ମୁଁ କଣ ମଣିଷ ନା ମାରଓ୍ୱାଡ଼ି ।'

ତା'ପର ପରୀକ୍ଷାଟା ଦି'ଦିନ ପରେ ଥାଏ । ସେଇଟି ମଧ୍ୟ ଦେଇଦେଲି । ବିଶ୍ୱାସ ତୁଟିଗଲା ନିଜ ଉପରୁ । ଆଉ କୁନିକୁ ଦେଖି ପାରିବିନି ।

ଆଉ ଚାରିଦିନ ପରେ ଅଛି, ଓଡ଼ିଆ ପରୀକ୍ଷା । ଏଇଟା ମୋର ଆଉ କୁନିର, ଦି'ଜଣଙ୍କର । ତେଣୁ ମୁଁ ଯେତେବେଳେ ଦେବି, ସେ ମଧ୍ୟ ସେଇ ସମୟରେ ଦେବ । ମୁଁ ଏଥର ନିଶ୍ଚୟ ତାକୁ ଭେଟିବି । କିନ୍ତୁ ଭଗବାନଙ୍କ ବିଚାର ଅଲଗା ପ୍ରକାର ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ସକାଳୁ ସକାଳୁ ମୁଁ ବସି ପଢୁଛି । ଚାରିଦିନ ଫାଙ୍କା ଅଛି ମଝିରେ ଭଲ କରି ଓଡ଼ିଆ ପଢ଼ିବାକୁ ପଡ଼ିବ । ମା’ ମଧ ପାଖରେ ବସିଥାଏ । ଝରକାଟା ଖୋଲାଥାଏ । ରାସ୍ତା ଉପରେ ଲୋକଟିଏ ଗଲେ ମୋତେ ସେ ଝରକାବାଟେ ଦେଖି ପାରିବ । ସେତିକି ଦୂରତା ଥାଏ । ହଠାତ୍ ମୁଁ ଶୁଣିଲି-

‘ବାବୁ ଭାଇ,... ହେ ବାବୁ ଭାଇ ।’ ମୁଁ ମୁଣ୍ଡ ଟେକି ଚାହିଁଲି । ମିନି ଠିଆ ହୋଇଥିଲା । ମୁଁ ଆଗ୍ରହରେ ଝରକା ପାଖକୁ ଗଲି । ପଚାରିଲି;

- ‘କଣ ହେଲା ? କୁଆଡ଼େ ଯାଉଛୁ ?’

- ‘ମନ୍ଦିରକୁ ଯାଉଥିଲୁ ।’ ସେ କହିଲା ।

- ‘ମନ୍ଦିରକୁ ? କିଏ କିଏ ଯାଉଛ ?’

- ‘ମୁଁ, କୁନି ଦେଇ, ମାମିନା ଦେଇ, ଲୁସି... ।’

କେତେ ଗୁଡ଼ାଏ ନାଁ ସିଏ କହିଯାଉଥିଲା ରାସ୍ତାରେ ଠିଆହୋଇ । ମୁଁ କୁନିର ନାଁ ଶୁଣି ଖୁସିରେ ଚିତ୍କାର କରିବାକୁ ଭାବୁଥିଲି, କିନ୍ତୁ ମା’ର ଉପସ୍ଥିତି ମୋତେ ସତର୍କ କରିଦେଉଥିଲା । ତା’କୁ ଡାକିଲି –

- ‘ଆସ, ସମସ୍ତେ ଆସ ।’

ମା ମଧ୍ୟ ବାହାରକୁ ଚାହୁଁଥିଲା, କହିଲା ସମସ୍ତେ ଭିତରକୁ ଆସ ବୋଲି । ଦେଖିଲି ମିନି ସମସ୍ତଙ୍କୁ ଡାକୁଛି ।

- ‘ଆ... ଆସୁନୁ ଲୋ... ମାଉସୀ ଡାକୁଛନ୍ତି ପରା ।’

ଶେଷରେ ତିନିଜଣ ଝିଅପିଲା ଗେଟ୍ ପାରହୋଇ ଭିତରକୁ ଆସିଲେ । ହେଲେ ସେମାନଙ୍କ ମଧ୍ୟରେ କୁନି କିଏ କେମିତି ଜାଣିବି, ନିର୍ଲଜ ଭାବରେ ଚାହିଁ ବି ପାରିବିନି । ଝରକା ପାଖରୁ ଉଠି ଆସି ଖଟରେ ବସିଲି ।


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

ମନ ବହୁତ ଖୁଶି ହେଉଥାଏ । ଲାଗୁଥାଏ ସତେ ଯେମିତି ମୋତେ ମନଚାହୁଁଥିବା ଦୁର୍ଲଭ ଜିନିଷ କିଛି ମିଳିଯାଇଛି । ସତେ ଯେମିତି ମୁଁ ଆଜି କଲମ୍ବସ୍ ହୋଇ ନୂଆ ଦେଶ ଖୋଜି ପକେଇଛି ।

- 'କୁଆଡ଼େ ସବୁ ଯାଇଥିଲ ?' ମା ପଚାରୁଥିଲା ମିନି କୁ ।

- 'ମନ୍ଦିରକୁ ଯିବୁ ପରା ।' ମିନି କହି କହି ଘର ଭିତରକୁ ପଶି ଆସିଲା । ତା ପଛରେ ଆଉ ଜଣେ । ସିଏ ପ୍ରଥମେ ମା'କୁ ନମସ୍କାର ଦେଇ ସିଧା ମୋ ଆଡ଼କୁ ବୁଲିପଡ଼ି ମୋତେ ନମସ୍କାର ହେଲା । ସରୁ ସରୁ ହାତ ଦି'ଟା ଯୋଡ଼ି ଟିକେ ଝୁଙ୍କି ଠିଆ ହୋଇଥିଲା । ମୁଁ ନିଶ୍ଚୟ ହୋଇଗଲି, ଇଏ ହେଉଛି 'କୁନି' ।

କିନ୍ତୁ ମୋତେ ଏମିତି ଲାଗୁଥିଲା ଯେମିତି ମୁଁ ତାକୁ ବହୁ ଆଗରୁ ଦେଖିଛି । ସେଇ ଆଖି, ସେଇ ମୁହଁ । କୋଉଠି ଦେଖିଛି? କୋଉଠି ଦେଖିଛି? ଭାବି ପାରିଲିନି । ଆଉ ଭାବିବାକୁ ଚାହିଁଲି ନାହିଁ ମଧ୍ୟ । କୁନି ଆସି ମୋ ପାଖ ଚେୟାର ଉପରେ ସଂଯତ ହୋଇ ବସିଲା । ମୁହଁ ସେମିତି ତଳକୁ ଥିଲା । ଠିକ୍ ଯେମିତି ଛୋଟ ପିଲାମାନେ ମାଷ୍ଟରଙ୍କ ପାଖରେ ଡରିମରି ଠିଆ ହୁଅନ୍ତି । ଯେତେବେଳେ ମାଡ଼ ଖାଇବା ପାଳି ଆସେ । ମୁଁ ମନେ ମନେ ଖୁବ୍ ହସିଲି । ଏତେ ଚିହ୍ନା ପରିଚୟ ଲାଗିଲା ଯେ ମୋ ପାଟିରୁ ହଠାତ୍ ବାହାରି ପଡ଼ିଲା-

- 'ତୋ ଆଡ଼ମିଟ୍ କାର୍ଡ୍ କଣ ହୋଇଥିଲା ପରା ?'

- 'ହଁ...' ମୋ କଥା ନ ସରୁଣୁ ସେ ମୁହଁ ଟେକି କଥା ଆରମ୍ଭ କଲା । ବହୁ ଦିନରୁ ବନ୍ଧ ବାନ୍ଧି ରଖାଯାଇଥିବା ନଦୀର ପାଣି ଉଚ୍ଛୁଳିଲା ପରି, ତା'ମୁହଁରୁ କଥା କହିବାର ଆବେଗ ଜଣା ପଡ଼ିଯାଉଥିଲା । କହିଲା-



ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

- 'ଗୋଟେ ସାଙ୍ଗ ପିଲାଟେ ମୋ ଆଡ଼ମିଟ୍ କାର୍ଡ୍...'

ସେ କଣ କହିଯାଉଥିଲା ତା ପ୍ରତି ମୋର ଆଉ ଲକ୍ଷ୍ୟ ନଥିଲା । ମୁଁ ଖାଲି ତା ମୁହଁକୁ ଚାହିଁ ରହିଥିଲି । ସତେ ଯେମିତି ମୁଁ ହଜିଯାଇଛି ।

- 'ନିଅ...' କାହାର ପାଟି ଶୁଣି ମୁଁ ପ୍ରକୃତିସ୍ଥ ହେଲି । ଭାବନା ରାଜ୍ୟରୁ ଫେରି ଆସିଲି । କୁନି ନିରବ ହୋଇ ଯାଇଥିଲା । ସର୍ବତ ଗ୍ଲାସ ସମସ୍ତଙ୍କୁ ଦିଆଯାଉଥିଲା । କୁନି ପିଇଲା କି ନାହିଁ ମୁଁ ଜାଣି ପାରିଲି ନାହିଁ । ମୁଁ କିନ୍ତୁ ପିଇଲା ପରି ଲାଗିଲା । କଣ ପିଇଲି କେଜାଣି । ସର୍ବତ ନା...

ସମସ୍ତେ ଉଠିଲେ । ବାହାରକୁ ଚାଲିଗଲେ । ଦୁଆର ପାଖରେ ଚପଲ ପିନ୍ଧୁ ପିନ୍ଧୁ କୁନିର ପାଟି ଶୁଭିଲା ।

- 'ବାବୁ ଭାଇ, ଆମ ଘରକୁ ଯିବ ନିଶ୍ଚୟ ।'

- 'ହଁ... ହଁ... ନିଶ୍ଚୟ ଯିବି ।' ମୁଁ ମୋ ଅଜାଣତରେ କହି ପକାଇଲି ।

ସେମାନେ ସମସ୍ତେ ଚାଲିଗଲେ । ମୁଁ ସେମାନଙ୍କ ଯିବା ବାଟକୁ ଚାହିଁ ରହିଥିଲି । ଏଇ ଥିଲା କୁନି ! ମାଙ୍କିଡ଼ି ମୋତେ କେତେ କନ୍ଦେଇ ଦେଲାଣି ସତେ । ଭାରୀ ବଦମାସ୍ ଟେ । ଖୁସିପୂର୍ଣ୍ଣ ଅଭିମାନରେ ମୋ ଭିତରଟା ଭର୍ତ୍ତି ହୋଇଗଲା । ମୁଁ ଆତ୍ମ ବିଭୋର ହୋଇପଡ଼ିଲି ।

(ଏତେ ଶୀଘ୍ର ଏପରି ପରିସ୍ଥିତିରେ ହଠାତ୍ ମୋର ତା'ସହ ଦେଖା ହେବ ବୋଲି ମୁଁ କଳ୍ପନା ବି କରିନଥିଲି । କିନ୍ତୁ ସେଇ ମୁହୂର୍ତ୍ତରୁ ମୁଁ ତାକୁ କ୍ଷଣେ ନ ଦେଖିଲେ ରହିପାରିବିନି ବୋଲି ମନେ ମନେ ଭାବୁଥିଲି । କାରଣ 'ଇଚ୍ଛା'ରୂପକ ଅଗ୍ନି ଆହୁରି ଜଳି ଉଠିଲା 'ତୃପ୍ତି'ର ଆହୁତି ପାଇଁ ।)


ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାର ଦ୍ୱାରା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ଉଦ୍ଦେଶ୍ୟରେ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

If you are interested to post your Business classified ads in different pages on this e-Magazine, do please contact us. We also offer full page and half page advertisements as well as we welcome sponsors for different stories and articles and also patrons for the e-Magazine.

**aahwaan@gmail.com / 9040985463**